আজি - সোমবার
তারিখ - ২৫ মই ২০২৬
মাস - বৃষ, দিন - ১১
তিথি - দশমী, পক্ষ- শুক্ল
নক্ষত্র - উ. ফাল্গুনী, সিংহ চন্দ্র
সূর্য্যোদয় - ৫: ১৭: ০০
সূর্য্যাস্ত - ৬ : ১৫ : ০০

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ମାନବ ଦାନବ ହେବା ତା'ର ପରାଜୟ, ମାନବ ମହାମାନବ ହେବା ଚମତ୍କାରିତା ଏବଂ ମନୁଷ୍ୟ ମାନବ ହେବା ତା'ର ବିଜୟ ।"

- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 41 R.N.I. REGD. No. 44026/86 ବାଲେଶ୍ୱର ୨୫ ମଇ ୨୦୨୬ ସୋମବାର BALASORE 25 MAY 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

# ଆଜି ପ୍ରଥମ ପର୍ଯ୍ୟାୟ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି

## ଓଡ଼ିଶାରୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ ହେବେ ଶିକ୍ଷାବିତ୍ ଡକ୍ଟର ମହେନ୍ଦ୍ର ମିଶ୍ର



ନୂଆଦିଲ୍ଲୀ : ଆଜି ରାଷ୍ଟ୍ରପତି ଭବନରେ ପ୍ରଥମ ପର୍ଯ୍ୟାୟ ବେସାମରିକ ସମ୍ମାନ ପ୍ରଦାନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମ ପୁରସ୍କାର ପ୍ରଦାନ କରିବେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ପଦ୍ମଶ୍ରୀ, ପଦ୍ମଭୂଷଣ ଏବଂ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯିବ । ଓଡ଼ିଶାରୁ ବିଶିଷ୍ଟ ଶିକ୍ଷାବିତ, ଭାଷାବିତ୍ ତଥା ଲୋକକଥାକାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯିବ । ଡକ୍ଟର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ ଆଦିବାସୀ ସ୍ୱରକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି । ସେ ଭାରତର ଆଦିବାସୀ ଓ ଗ୍ରାମୀଣ ଜନସମାଜରେ ସନ୍ନିହିତ ଭାରତୀୟ ଜ୍ଞାନ ପ୍ରଣାଳୀକୁ ସ୍ୱର ଦେବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସା ହାସଲ କରିଛନ୍ତି । ସେ ଆଦିବାସୀଙ୍କ ବିକାଶ ସହିତ ଆଦିବାସୀ ଭାଷା, ସଂସ୍କୃତି ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଅନେକ ଆଦିବାସୀ ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି । ୧ ଏପ୍ରିଲ୍ ୧୯୫୨ ମସିହାରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା କଳାହାଣ୍ଡିରେ ଜନ୍ମଗ୍ରହଣ କରିଥିବା ଡକ୍ଟର ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପାଠପଢ଼ିଥିଲେ ଏବଂ ୧୯୮୭ ମସିହାରେ ପିଏଚଡି ଡିଗ୍ରୀ ହାସଲ କରିଥିଲେ । ସେ ଓଡ଼ିଶା ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟରେ ସହକାରୀ ନିର୍ଦ୍ଦେଶକ ଭାବରେ ଯୋଗ ଦେଇଥିଲେ । ସେ ଜନଜାତି ବହୁଭାଷୀ ଶିକ୍ଷା ଉପରେ ଧ୍ୟାନ ଦେଇ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଶିକ୍ଷା ପାଇଁ ରାଜ୍ୟ ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ । ଡକ୍ଟର ମିଶ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ବହୁଭାଷୀ ଶିକ୍ଷା କ୍ଷେତ୍ରରେ ରହିଛି । ଏଥିରେ ସେ ଆଦିବାସୀ ଭାଷା ଏବଂ ସଂସ୍କୃତିକୁ ଶିକ୍ଷାର ଉପକରଣ ଭାବରେ ପୁନର୍ଜୀବିତ କରିଛନ୍ତି । ଓଡ଼ିଶା ସରକାରଙ୍କ ଅଗ୍ରଣୀ ପ୍ରୟାସ କାରଣରୁ, ସେ ୨୧ଟି ଆଦିବାସୀ ଭାଷାରେ ବହୁଭାଷୀ ଶିକ୍ଷା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ପରେ ସେଗୁଡ଼ିକୁ ନୂଆଦିଲ୍ଲୀର ଭାଷା ଏବଂ ଶିକ୍ଷା ଫାଉଣ୍ଡେସନ୍ ମାଧ୍ୟମରେ ଛତିଶଗଡ଼, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ରାଜସ୍ଥାନ ଏବଂ ଆସାମ ରାଜ୍ୟରେ ବିସ୍ତାର କରିଥିଲେ । ତାଙ୍କର ପରିବର୍ତ୍ତନକାରୀ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ, ''ରୂପାନ୍ତର'' ଶିକ୍ଷକମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରସ୍ତୁତ କରିଥାଏ । ସ୍ଥାନୀୟ ଜ୍ଞାନକୁ ଏକୀକୃତ କରୁଥିବା ବିଦ୍ୟାଳୟ-ସମାଜ ସମ୍ପର୍କକୁ ପ୍ରୋତ୍ସାହିତ କରେ । ଏହି ପ୍ରୟାସଗୁଡ଼ିକ, ୟୁନେସ୍କୋ, ଏନସିଇଆରଟି ଏବଂ ଏନଇପି ୨୦୨୦ ସହ ଜଡ଼ିତ ତଥା ସାଂସ୍କୃତିକ ବ୍ୟବଧାନ ପୂରଣ କରିଥାଏ । ଏହା ମଧ୍ୟ ସାକ୍ଷରତାକୁ ପ୍ରୋତ୍ସାହିତ କରେ ଏବଂ ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି କରେ । ଉଦାହରଣ ସ୍ୱରୂପ ତାଙ୍କ ପୁସ୍ତକ, ''ଇରଇ ଇରଇ: ଭାରତର ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ବହୁଭାଷୀ ଶିକ୍ଷା''ରେ ଏ ସମ୍ପର୍କରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଆଦିବାସୀ ମୌଖିକ ପରମ୍ପରାର ଜଣେ ଉତ୍ସାହୀ ବିଦ୍ୱାନ ଭାବରେ, ଡକ୍ଟର ମିଶ୍ର କଳାହାଣ୍ଡିର ମୌଖିକ ମହାକାବ୍ୟ (୨୦୦୭), ସାଓରା ଟେଲ୍ସ ଆଣ୍ଡ୍ ଗୀତସ୍ (୨୦୦୫), ପାହାଡ଼ିଆ ମୌଖିକ ପରମ୍ପରା (୨୦୨୧) ଏବଂ ଓଡ଼ିଶାର ମୌଖିକ ପରମ୍ପରାରେ ରାମକଥା (୨୦୨୫) ଭଳି ପ୍ରମୁଖ କୃତି ମାଧ୍ୟମରେ ସମୃଦ୍ଧ ଲୋକକଥାକୁ ସଂରକ୍ଷଣ କରିଛନ୍ତି ।



ଡକ୍ଟର ମହେନ୍ଦ୍ର ମିଶ୍ର

# ଖୋର୍ଦ୍ଧାରେ ଟ୍ରାଇମେଟ୍ରୋ ଗାର୍ମେଂଟସ ଓ ଆନାଡ୍ରୋନ୍ ସିଷ୍ଟମ୍ସ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଓଡ଼ିଶାରେ ଶିଳ୍ପାୟନର ପ୍ରସାର, ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ଏବଂ ଏଥିପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଖୋର୍ଦ୍ଧା ଜିଲ୍ଲାର ଦୁଇଟି ପ୍ରମୁଖ ଶିଳ୍ପ ସଂସ୍ଥା ପରିଦର୍ଶନ କରି ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀ ପ୍ରଥମେ କାଳୀବେଟି ସ୍ଥିତ ଏପିକ ଗ୍ରୁପ୍‌ର ଅତ୍ୟାଧୁନିକ ବସ୍ତ୍ର ଉତ୍ପାଦନ କାରଖାନା 'ଟ୍ରାଇମେଟ୍ରୋ ଗାର୍ମେଂଟସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ' ଏବଂ ପରବର୍ତ୍ତୀ ସମୟରେ ମୁଣ୍ଡାଆମ୍ବ ସ୍ଥିତ ପ୍ରତିରକ୍ଷା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ଅଗ୍ରଣୀ ସଂସ୍ଥା 'ଆନାଡ୍ରୋନ୍ ସିଷ୍ଟମ୍ସ' ପରିସର ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟରତ ଟିମ୍ ଓ କର୍ମଚାରୀମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି । ଏହି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଥମେ Trimetro Garments କାରଖାନାର କର୍ମଚାରୀମାନଙ୍କ ସହ ଅତି ନିବିଡ଼ ଭାବେ ଆଲୋଚନା କରି ସେମାନଙ୍କର କାର୍ଯ୍ୟ ପ୍ରଣାଳୀ ଓ କାର୍ଯ୍ୟ ପରିବେଶ ସମ୍ପର୍କରେ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀଙ୍କୁ ନିଜ ଗହଣରେ ପାଇ କର୍ମଚାରୀମାନେ ଅତ୍ୟନ୍ତ ଆନନ୍ଦିତ ହେବା ସହ ନିଜର ଅନୁଭୂତି ବାଂଟି କହିଥିଲେ ଯେ, ରାଜ୍ୟ ସରକାରଙ୍କ ଶିଳ୍ପାନୁକୂଳ ଓ ନିଯୁକ୍ତିଭିତିକ ପଦକ୍ଷେପ ଯୋଗୁଁ ସେମାନଙ୍କୁ ଆଉ ଜୀବିକା ଅନ୍ୱେଷଣରେ ବାହାର ରାଜ୍ୟକୁ ଯିବାକୁ ପଡୁନାହିଁ । ନିଜ ମାଟିରେ ରହି ସ୍ୱାବଲମ୍ବୀ ହେବାରେ ସେମାନେ ଗର୍ବ ଓ ଆତ୍ମସନ୍ତୋଷ ଅନୁଭବ କରୁଛନ୍ତି । ଏଭଳି ବସ୍ତ୍ର ଶିଳ୍ପଗୁଡ଼ିକ ରାଜ୍ୟରେ ବ୍ୟାପକ ରୋଜଗାର ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରୁଛି ବୋଲି ମୁଖ୍ୟମନ୍ତ୍ରୀଙ୍କୁ କର୍ମଚାରୀ ମାନେ କହିଛନ୍ତି । କର୍ମଚାରୀ ମାନଙ୍କ ସହ କଥା ହୋଇ ମୁଖ୍ୟମନ୍ତ୍ରୀ ଶିଳ୍ପାଂଚଳରେ ଶ୍ରମିକ ତଥା କର୍ମଚାରୀ ମାନଙ୍କ ପାଇଁ ଆନୁଷଙ୍ଗିକ ସୁବିଧା ସୁଯୋଗର ବିକାଶ ଉପରେ ସବିଶେଷ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କୁ ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେବା ସହ ସ୍ଥାନୀୟ ନିଯୁକ୍ତିକୁ ସର୍ବାଧିକ ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି କାର୍ଯ୍ୟରତ ମହିଳା କର୍ମଚାରୀମାନଙ୍କ ସୁରକ୍ଷା ଓ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ । କର୍ମଚାରୀଙ୍କ ରହିବା ନିମନ୍ତେ ଅତ୍ୟାଧୁନିକ ହଷ୍ଟେଲ ନିର୍ମାଣ କରାଯିବା ସହ ସେମାନଙ୍କ ଦୈନନ୍ଦିନ ଯାତାୟାତକୁ ସହଜ, ସୁରକ୍ଷିତ ଓ ପରିବେଶ ଅନୁକୂଳ କରିବା ପାଇଁ ଇଭି ବସ୍ ସେବା ପ୍ରଦାନ କରାଯିବ । ଆଗାମୀ ଦିନରେ ଏହି ଅଂଚଳରେ ଏଭଳି ଆହୁରି ଅନେକ ନୂତନ ଶିଳ୍ପ ୟୁନିଟ୍ ପ୍ରତିଷ୍ଠା କରାଯିବ, ଯାହା ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ନୂତନ ନିଯୁକ୍ତିର ଦ୍ୱାର ଉନ୍ମୁକ୍ତ କରିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଅଧିକ କ୍ରିୟାଶୀଳ କରିବ । ଏହି ବୃହତ ଶିଳ୍ପଗୁଡ଼ିକୁ ଆଧାର କରି ଏଠାରେ ଏକାଧିକ ଆନୁଷଙ୍ଗିକ ଶିଳ୍ପ ମଧ୍ୟ ଗଢ଼ିଉଠିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ଓଡ଼ିଶାର ଶିଳ୍ପ ସମୃଦ୍ଧି ଓ ନିଯୁକ୍ତି ସମ୍ପର୍କରେ ଏକ ଦୃଢ଼ ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରତିଭାବାନ ଯୁବକଯୁବତୀମାନଙ୍କୁ ଜୀବିକା ସଂସ୍ଥାନ ପାଇଁ ଆଉ ନିଜ ପରିବାର ଓ ଭିଟାମାଟି ଛାଡ଼ି ବାହାର ରାଜ୍ୟକୁ ସାଧାରଣ ଶ୍ରମିକ ଭାବେ ଯିବାକୁ ପଡ଼ିବ ନାହିଁ । ସେମାନଙ୍କୁ ଓଡ଼ିଶାରେ ହିଁ ସମ୍ମାନଜନକ ଏବଂ ଶ୍ରେଷ୍ଠ ନିଯୁକ୍ତି ସୁଯୋଗ ଯୋଗାଇଦେବା

## ଅଳ୍ପରେ ଖବର

» ୟୁପି ହାପୁରରେ ହେବାକୁ ଥିବା ଅଦିନିଆ ରଥଯାତ୍ରା ସ୍ଥଗିତ ରହିଛି । ଜୁନ୍ ୧୬ରେ ରଥଯାତ୍ରା କରିବାକୁ ହାପୁର ଜଗନ୍ନାଥ ମନ୍ଦିର ନିଷ୍ପତି ନେଇଥିଲା । ଏହା ଉପରେ ଅସନ୍ତୋଷ ପ୍ରକାଶ କରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ହାପୁର ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ ।

» ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ତଥା ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ରବିବାର ଦିନ ବୁଗୁଡ଼ା ଠାରେ ଏନଆରଏଚଏମ୍ ମେଡିକାଲ ଗୃହର ଶୁଭ ଉଦଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ଏହି ଆଧୁନିକ ମେଡିକାଲ ଗୃହ ଦ୍ୱାରା ବୁଗୁଡ଼ା ଓ ଆଖପାଖ ଅଂଚଳର ସାଧାରଣ ଜନତା ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବେ ।

» ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବଲାଙ୍ଗୀର ଜିଲ୍ଲାରେ ଟପର ହୋଇଥିବା ଛାତ୍ରୀ ସୁଶ୍ରୀ ପ୍ରତୀକ୍ଷା ରାଣୀ ପ୍ରଧାନଙ୍କୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଶୁଭେଚ୍ଛା ଜଣାଇଛନ୍ତି ।

» ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି ।

# ରୁଷଠାରୁ ତେଲ କିଣା ଜାରି ରହିବ : ବୈଦେଶିକ ମନ୍ତ୍ରୀ



ନୂଆଦିଲ୍ଲୀ : ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ରୁଷୀୟ ତୈଳ କ୍ରୟ ଏବଂ ସମ୍ଭାବ୍ୟ କଟକଣା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓଙ୍କ ସହ ଆଲୋଚନା ପରେ, ଜୟଶଙ୍କର କହିଛନ୍ତି ଯେ ଏହି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି, କିନ୍ତୁ ଶକ୍ତି ବଜାରକୁ ବଜାର ଶକ୍ତି ଉପରେ ଛାଡି ଦିଆଯିବା ଉଚିତ । ସେ ସ୍ୱଷ୍ଟ ଭାବରେ ସୂଚାଇ ଦେଇଛନ୍ତି ଯେ ଭାରତ ତା'ର ଶକ୍ତି ସୁରକ୍ଷା ଏବଂ ଅର୍ଥନୈତିକ ସ୍ୱାର୍ଥକୁ ପ୍ରାଥମିକତା ଦେବ । ଜୟଶଙ୍କରଙ୍କ ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ରୁଷଠାରୁ ତୈଳ କ୍ରୟ ନକରିବା ପାଇଁ ପାଶ୍ଚାତ୍ୟ ଦେଶ ଲଗାତାର ଚାପ ଜାରି ରହିଛି । ଡୋନାଲଡ୍ଡ ଟ୍ରମ୍ପ ପ୍ରଶାସନକୁ ନେଇ ପଚରାଯାଇଥିବା ପ୍ରଶ୍ନ ଉପରେ ଜୟଶଙ୍କରଙ୍କ ସ୍ୱଷ୍ଟ ଆଭିମୁଖ୍ୟ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଟ୍ରମ୍ପ ପ୍ରଶାସନ ସବୁବେଳେ ଆମେରିକା ଫାଷ୍ଟ ରଣନୀତି ଗ୍ରହଣ କରିଛି । ସେଭଳି ଭାରତ ମଧ୍ୟ 'ଇଣ୍ଡିଆ ଫାଷ୍ଟ' ହିଁ ଗ୍ରହଣ କରିବ । ସେ କହିଛି, ଏଭଳି କିଛି କ୍ଷେତ୍ରର ଆବଶ୍ୟକତା ମଧ୍ୟ ରହିଛି, ଯେଉଁଠି ଦୁଇ ଦେଶକୁ ସନ୍ତୁଳନ ବଜାୟ ରଖି ଚାଲିବାକୁ ହେବ । ଜୟଶଙ୍କରଙ୍କ ବୟାନକୁ ଭାରତର ସ୍ୱତନ୍ତ୍ର ବୈଦେଶିକ ନୀତି ଓ ରଣନୈତିକ ସନ୍ତୁଳନର ବଡ଼ ସଙ୍କେତ ଭାବରେ ଦେଖାଯାଉଛି । ମାର୍କୋ ରୁବିଓ କହିଛନ୍ତି ଭାରତ ଓ ଆମେରିକାର ସମ୍ପର୍କର ଗତି କମ୍ ନୁହେଁ ଓ ଆଗାମୀ ବର୍ଷରେ ଏହି ପାର୍ଟନରସିପ୍ ଆହୁରି ମଜବୁତ ହେବ । ସେ ଆଶା ପ୍ରକାଶ କରିଛନ୍ତି ଯେ, ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଖୁବ୍ ଶୀଘ୍ର ପୁରା ହୋଇପାରେ । ଭାରତ ଓ ଆମେରିକା ଭିତରେ ରଣନୈତିକ ସହଭାଗିତା ଗତ କିଛି ବର୍ଷରେ ପ୍ରତିରକ୍ଷା, ଟେକ୍ନୋଲୋଜି, ଶକ୍ତି ଓ ବାଣିଜ୍ୟ ଭଳି କ୍ଷେତ୍ରକୁ ଦ୍ରୁତ ଗତିରେ ମଜବୁତ କରିଛି । ରୁବିଓ କହିଛନ୍ତି, ଇରାନ ଯୁଦ୍ଧ ଏବଂ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ସଙ୍କଟର ସମାଧାନ ପାଇଁ ଏକ ସମ୍ଭାବ୍ୟ ଢାଂଚା ଉପରେ ଗତ ୪୮ ଘଂଟା ମଧ୍ୟରେ କିଛି ଅଗ୍ରଗତି ହୋଇଛି । ସେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଆଜି ଅଧିକ ଖବର ଆସିପାରେ, ଯଦିଓ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ । ରୁବିଓ ପୁନରାବୃତି କରିଛନ୍ତି ଯେ ଇରାନକୁ କେବେବି ପରମାଣୁ ଅସ୍ତ୍ର ହାସଲ କରିବାକୁ ଅନୁମତି ଦିଆଯିବ ନାହିଁ । ସେ କହିଛନ୍ତି ଡୋନାଲ୍ଡ ଟ୍ରମ୍ପ ଅନ୍ୟ କୌଣସି ରାଷ୍ଟ୍ରପତିଙ୍କ ତୁଳନାରେ ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ଅଧିକ ସକ୍ରିୟ ମନୋଭାବ ଗ୍ରହଣ କରିଛନ୍ତି ।

# ସିବିଏସଇ ପେମେଂଟ ଗେଟୱେ ସିଷ୍ଟମର ପୁନଃମୂଲ୍ୟାୟନ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ସହ କଥା ହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ



ନୂଆଦିଲ୍ଲୀ : ସିବିଏସଇ ପରବର୍ତ୍ତୀ ଫଳାଫଳ ଏବଂ ପୁନଃମୂଲ୍ୟାୟନ ପ୍ରକ୍ରିୟା ସମୟରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ସମ୍ପ୍ରତି ବୈଷୟିକ ଏବଂ ପେମେଂଟ-ସମ୍ବନ୍ଧୀୟ ସମସ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣଙ୍କ ସହ କଥାବାର୍ତ୍ତା କରିଛନ୍ତି । ଆଲୋଚନା ସମୟରେ, ଏହା ନିଷ୍ପତି ନିଆଯାଇଛି ଯେ ଚାରୋଟି ସରକାରୀ କ୍ଷେତ୍ର ବ୍ୟାଙ୍କ, ଯଥା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, କାନାରା ବ୍ୟାଙ୍କ ଏବଂ ଇଣ୍ଡିଆନ୍ ବ୍ୟାଙ୍କ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡକୁ ଏହାର ପେମେଂଟ ଗେଟୱେ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ପରୀକ୍ଷା ପରବର୍ତ୍ତୀ ସେବା ପୋର୍ଟାଲ୍ ସହିତ ଆବଶ୍ୟକୀୟ ସମନ୍ୱୟ କରିବାରେ ସହାୟତା କରିବେ । ବ୍ୟାଙ୍କଗୁଡ଼ିକ ସିବିଏସଇକୁ ସମୟୋଚିତ ଦେୟ ସୁନିଶ୍ଚିତ କରିବା, ଦେୟ ସମସ୍ୟାର ସମାଧାନ କରିବା, ଯଦି କୌଣସି ଅତିରିକ୍ତ ଦେୟ ପାଇଁ ସ୍ୱୟଂଚାଳିତ ରିଫଣ୍ଡ ସୁନିଶ୍ଚିତ କରିବା ପାଇଁ ଦୃଢ଼ ପେମେଂଟ ପ୍ରୋଟୋକଲ୍ ସ୍ଥାପନ କରିବାକୁ ସକ୍ଷମ କରିବେ । ଶ୍ରୀ ପ୍ରଧାନ ସେମାନଙ୍କର ପେମେଂଟ ଗେଟୱେ ସିଷ୍ଟମର ସମ୍ପୂର୍ଣ୍ଣ ପୁନଃରୁଦ୍ଧାର ପାଇଁ ସିବିଏସଇକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଅର୍ଥ ମନ୍ତ୍ରଣାଳୟ ଏବଂ ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡ଼ିକ ସହିତ ସମନ୍ୱିତ ପ୍ରୟାସ ଦ୍ୱାରା ସିବିଏସଇ ପୁନଃମୂଲ୍ୟାୟନ ଏବଂ ସମ୍ବନ୍ଧିତ ସେବା ପାଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ସୁଗମ ଡିଜିଟାଲ୍ କାରବାର, ଉନ୍ନତ ପେମେଂଟ ଗେଟୱେ ସ୍ଥିରତା ଏବଂ ସୁଗମ ଅଭିଜ୍ଞତା ସୁନିଶ୍ଚିତ ହେବ ବୋଲି ପରିକଳ୍ପନା କରାଯାଇଛି ।

# ଆସନ୍ତା ୩୧ରେ ବିଏଡ୍ ପ୍ରବେଶିକା




ଭୁବନେଶ୍ୱର: ବି.ଏଡ୍ ପରୀକ୍ଷା ପାଇଁ ଆସିଲା ସୂଚୀ । ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ ଦୁଇବର୍ଷିଆ ବି.ଏଡ୍ ପାଠ୍ୟକ୍ରମର ପ୍ରବେଶିକା ପରୀକ୍ଷା । ସେହିପରି, ଜୁନ୍ ୩ରେ ବିଏଚ୍ଏଡ୍ (ହିନ୍ଦୀ) ଓ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ମେ' ୩୧ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବି.ଏଡ୍ ପ୍ରବେଶିକା ପରୀକ୍ଷା ହେବାକୁ ଥିବାବେଳେ, ଜୁନ୍ ୩ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଚ୍ଏଡ୍ (ହିନ୍ଦୀ) ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ହେବ । ଏନେଇ ରାଜ୍ୟ ପ୍ରବରଣ ମଣ୍ଡଳୀ (ଷ୍ଟେଟ୍ ସିଲେକ୍ସନ ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ୨୭ ପୂର୍ବାହ୍ନ ୧୧ଟାରୁ ବିଏଡ୍, ବିଏଚ୍ଏଡ୍ ଓ ଏମ୍ଏଡ୍ ପାଠ୍ୟକ୍ରମର ପ୍ରବେଶିକା ପରୀକ୍ଷା ପାଇଁ ଆଡମିଟ୍ କାର୍ଡ ଉପଲବ୍ଧ ହେବ । ଦୁଇବର୍ଷିଆ ବିଏଡ୍ ଓ ଏମ୍ଏଡ୍ ପାଠ୍ୟକ୍ରମର ପାଠ୍ୟପୁସ୍ତକ ମଧ୍ୟ ପରିବର୍ତ୍ତନ କରିବାକୁ କୁହାଯାଇଛି । ପାଠ୍ୟକ୍ରମର ସଂପୂର୍ଣ୍ଣ ସିଲାବସରେ ପରିବର୍ତ୍ତନ କରାଯିବ । ଶିକ୍ଷାବର୍ଷ ୨୦୨୬-୨୭ରୁ ଏହାକୁ ଲାଗୁ କରାଯାଇପାରେ । ସବୁଠୁ ବଡ଼ କଥା ଆଗରୁ ବିଏଡ୍ ଛାତ୍ରଛାତ୍ରୀମାନେ ବାର୍ଷିକ ପରୀକ୍ଷା ଦେଉଥିଲେ । ମାତ୍ର ପାଠ୍ୟକ୍ରମରେ ପରିବର୍ତ୍ତନ ହେଲେ ବାର୍ଷିକ ବଦଳ ବଦଳରେ ସେମିଷ୍ଟାର ପରୀକ୍ଷା ଦେବେ । ବର୍ତ୍ତମାନର ପ୍ରାସଙ୍ଗିକତା, ଭାରତୀୟ ଜ୍ଞାନ ବ୍ୟବସ୍ଥାର ଅନ୍ତର୍ଭୁକ୍ତୀକରଣ ଓ ବୈଷୟିକ ଦୃଢ଼ତା ନିର୍ଣ୍ଣିତ କରିବାରେ ଏହି ସେମିଷ୍ଟର ପରୀକ୍ଷା ସହଯୋଗ କରିବ ବୋଲି ବିଭାଗ କହିଛି । ଛାତ୍ରଛାତ୍ରୀମାନେ ଏସଏସ୍‌ବିର ୱେବସାଇଟକୁ ଯାଇ ନିଜର ଆଡମିଟ୍ କାର୍ଡକୁ ଡାଉନଲୋଡ୍ କରିପାରିବେ । ଜୁନ ୪ ତାରିଖରେ ଏସ୍ଏସ୍‌ବି ୱେବସାଇଟରେ ପ୍ରବେଶିକା ପରୀକ୍ଷାର ପ୍ରୋଭିଜିନାଲ ଆନ୍ସର କି' ପ୍ରକାଶିତ ହେବ । ପ୍ରୋଭିଜିନାଲ ଆନ୍ସର କି' କୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଆଶଙ୍କା ଥିଲେ ପରୀକ୍ଷାର୍ଥୀମାନେ ଜୁନ୍ ୫ ରୁ ୭ ତାରିଖ ମଧ୍ୟରେ ଆନ୍ସର କି' ଚ୍ୟାଲେଞ୍ଜ ପାଇଁ ଆବେଦନ କରିପାରିବେ ବୋଲି ବିଜ୍ଞପ୍ତିରେ ସୂଚନା ରହିଛି । ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ ହିଁ ମେଧା ତାଲିକା ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି ।

# ଇବୋଲା ପ୍ରକୋପକୁ ଅନ୍ତର୍ଜାତୀୟ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ଘୋଷଣା କଲା ଡବ୍ଲ୍ୟୁଏଚଓ

ନୂଆଦିଲ୍ଲୀ : କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ଏବଂ ଉଗାଣ୍ଡାରେ ଇବୋଲା ରୋଗର ରିପୋର୍ଟ ହୋଇଥିବା ପ୍ରକୋପକୁ ଦୃଷ୍ଟିରେ ରଖି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ), ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ନିୟମ (ଆଇଏଚଆର), ୨୦୦୫ ଅନୁଯାୟୀ, ୧୭ ମଇ ୨୦୨୬ ରେ ପରିସ୍ଥିତିକୁ ଅନ୍ତର୍ଜାତୀୟ ଚିନ୍ତାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇଆଇସି) ଭାବରେ ନିରୂପିତ କରିଛି । ଆଫ୍ରିକା ରୋଗ ନିୟନ୍ତ୍ରଣ ଏବଂ ପ୍ରତିରୋଧ କେନ୍ଦ୍ର (ଆଫ୍ରିକା ସିଡିସି) ମଧ୍ୟ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଉଗାଣ୍ଡାକୁ ପ୍ରଭାବିତ କରୁଥିବା ବୁଣ୍ଡିବୁଗୟୋ ଷ୍ଟ୍ରେନ ଇବୋଲା ଭାଇରସ ରୋଗର ଚାଲିଥିବା ପ୍ରକୋପକୁ ମହାଦେଶୀୟ ସୁରକ୍ଷାର ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ (ପିଏଚଇସିଏସ୍) ଭାବରେ ଆନୁଷ୍ଠାନିକ ଭାବରେ ଘୋଷଣା କରିଛି । ଏହା ବ୍ୟତୀତ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଇଏଚଆର ଜରୁରୀକାଳୀନ କମିଟି ୨୨ ମଇ ୨୦୨୬ ରେ ପ୍ରବେଶ ସ୍ଥାନଗୁଡ଼ିକରେ ରୋଗ ନିରୀକ୍ଷଣକୁ ମଜବୁତ କରିବା ପାଇଁ ଅସ୍ଥାୟୀ ସୁପାରିଶ ଜାରି କରିଥିଲା ଯାହା ଦ୍ୱାରା 'ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଂଚଳରୁ ଆସୁଥିବା ଅସ୍ପଷ୍ଟ ଜ୍ୱର ରୋଗ ସହିତ ଯାତ୍ରୀମାନଙ୍କୁ ଚିହ୍ନଟ, ମୂଲ୍ୟାଙ୍କନ, ରିପୋର୍ଟ ଏବଂ ପରିଚାଳନା' କରାଯାଇପାରିବ ଏବଂ 'ବୁଣ୍ଡିବୁଗିଓ ଭାଇରସ୍ ଚିହ୍ନଟ ହୋଇଥିବା ଅଂଚଳଗୁଡ଼ିକୁ ଯାତ୍ରା କରିବାକୁ ନିରୁତ୍ସାହିତ କରାଯିବ' । ଦକ୍ଷିଣ ସୁଡାନ ସମେତ କଙ୍ଗୋ ଏବଂ ଉଗାଣ୍ଡା ଦେଶଗୁଡ଼ିକୁ ରୋଗ ସଂକ୍ରମଣର ଉଚ୍ଚ ବିପଦରେ ରହିଥିବା ଆକଳନ କରାଯାଇଛି । ଇବୋଲା ରୋଗ ହେଉଛି ଇବୋଲା ଭାଇରସ୍ ର ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ସହିତ ସଂକ୍ରମଣ ଯୋଗୁଁ ହେଉଥିବା ଏକ ଭାଇରାଲ୍ ହେମୋରେଜିକ୍ ଜ୍ୱର । ଏହା ଏକ ଗମ୍ଭୀର ରୋଗ ଯାହାର ମୃତ୍ୟୁ ହାର ଅଧିକ । ବର୍ତ୍ତମାନ, ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗକୁ ରୋକିବା କିମ୍ବା ଚିକିତ୍ସା କରିବା ପାଇଁ କୌଣସି ଟିକା କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ଅନୁମୋଦିତ ହୋଇନାହିଁ । ଭାରତରେ ବୁଣ୍ଡିବୁଗିଓ ଭାଇରସ୍ ଷ୍ଟ୍ରେନ ଦ୍ୱାରା ହେଉଥିବା ଇବୋଲା ରୋଗର କୌଣସି ମାମଲା ରିପୋର୍ଟ କରିନାହିଁ । କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ ଏବଂ ଅନ୍ୟାନ୍ୟ ପ୍ରଭାବିତ ଦେଶଗୁଡ଼ିକରେ ବଢ଼ୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ସୁପାରିଶ ଅନୁଯାୟୀ, ଭାରତ ସରକାର ସମସ୍ତ ଭାରତୀୟ ନାଗରିକଙ୍କୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ, ଉଗାଣ୍ଡା ଏବଂ ଦକ୍ଷିଣ ସୁଡାନକୁ ଅଣ-ଅତ୍ୟାବଶ୍ୟକୀୟ ଯାତ୍ରା ଏଡାଇବାକୁ ପରାମର୍ଶ ଦେଉଛନ୍ତି ।





# ବିକଳ୍ପ ସମାଜର ରାଜ୍ୟସ୍ତରୀୟ ଚିନ୍ତନ କର୍ମଶାଳା

ବାଲେଶ୍ୱର,(ନି.ପ୍ର.): ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥା ଓ ଶାସନ ପ୍ରକ୍ରିୟାରେ ଲୋକକେନ୍ଦ୍ରିକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି "ବିକଳ୍ପ ସମାଜ" ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଚିନ୍ତନ କର୍ମଶାଳାରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଭୁବନେଶ୍ୱରର ସପ୍ତସତୀ ବିହାର ସ୍ଥିତ ତରାଭି ଭବନ ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ବିକଳ୍ପ ସମାଜର ସଭାପତି ଅଭୟ ଦାସ ସଭାପତିତ୍ୱ କରିଥିଲେ । ବିଶିଷ୍ଟ ଅର୍ଥନୀତିଜ୍ଞ ଓ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, "ମଙ୍ଗଳ ଗ୍ରହରେ ଜୀବନ ଖୋଜିବାଠାରୁ ଜୀବନରେ ମଙ୍ଗଳ ଖୋଜିବା ଅଧିକ ଜରୁରୀ ।" ସେ କହିଥିଲେ ଯେ ଦେଶର ୮୦ ପ୍ରତିଶତ ସାଧାରଣ ଲୋକ ଶିକ୍ଷା,




ସ୍ୱାସ୍ଥ୍ୟ, କୃଷି, ନିଯୁକ୍ତି ଓ ଆବଶ୍ୟକୀୟ ସୁବିଧା ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଅବ୍ୟବସ୍ଥା ଦେଶ ପାଇଁ ବଡ଼ କ୍ଷତି ସୃଷ୍ଟି କରୁଥିଲେ ମଧ୍ୟ ରାଜନେତା ଓ ପ୍ରଶାସନ ଏହାକୁ ବୁଝିବାକୁ ଇଚ୍ଛୁକ ନୁହନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । କର୍ମଶାଳାରେ ମନୋରଞ୍ଜନ ଦାସ, ଜୟ ନାରାୟଣ ମହାପାତ୍ର, ମାଧବାନନ୍ଦ ବେହେରା, ସୂର୍ଯ୍ୟ ନାରାୟଣ ମିଶ୍ର, ନିରାକାର ବେଉରା, ନିବେଦିତା ମହାନ୍ତି, କନକଲତା ଭଞ୍ଜ, କାହ୍ନୁ ଚରଣ ପାଣିଗ୍ରାହୀ, ସର୍ବେଶ୍ୱର ବ୍ରାଣ୍ଡ, ଦୁତି କୃଷ୍ଣ ନାୟକ, ଶ୍ରଦ୍ଧାଞ୍ଜଳି ରାୟ, ଡାକ୍ତର ଅକ୍ଷୟ କୁମାର ମିଶ୍ର, ଆଜ୍ଞନା ମହାନ୍ତି, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ବଳରାମ ରଣସିଂହ, ପ୍ରଦୀପ କୁମାର ଦାସ ମହାପାତ୍ର, ଉପେନ୍ଦ୍ର କୁମାର ଦାସ, ଧର୍ମୁଧର ପୋଦ୍ଦ, ଅମୀର ପ୍ରସାଦ ସାହୁ, ଆଶୁତୋଷ ଦାସ, ଶରତ ଜେନା, ଶ୍ରୀକାନ୍ତ ଦାଶ, ନିରୁପମା ରଥ, ବିଜୟ କୁମାର ଆଚାର୍ଯ୍ୟ, ସଂଜୟ କୁମାର ସାହୁ, ବରୋଜ କୁମାର ରାଉତ ଓ ପୁଲକ କୁମାର ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ କ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟାର ବିକଳ୍ପ ଖୋଜିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସଭାରେ ବିକଳ୍ପ ସମାଜକୁ ରାଜ୍ୟର ୩୦ଟି ଜିଲ୍ଲାରେ ବିସ୍ତାର କରିବା ସହ ସାଧାରଣ ନାଗରିକ, ରାଜନେତା ଓ ପ୍ରଶାସକମାନଙ୍କୁ ସାମ୍ବିଧାନିକ ଅଧିକାର, କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରାଯିବ ବୋଲି ସଭାପତି ଅଭୟ ଦାସ ଘୋଷଣା କରିଥିଲେ ।ଏଥିସହ ଓଡ଼ିଶାକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା, ଅର୍ଥନୀତି, ରାଜନୀତି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଆତ୍ମନିଯୁକ୍ତି ଓ ପରିବେଶ ଭଳି କ୍ଷେତ୍ରରେ ଲୋକାଭିମୁଖୀ ବିକଳ୍ପ ଚିନ୍ତାଧାରାକୁ ଜନସାଧାରଣଙ୍କ ମଧ୍ୟରେ ପହଂଚାଇବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବିକଳ୍ପ ସମାଜର ଚିନ୍ତାନାୟକମାନେ କହିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ସମାଜସେବୀ ଓ ଭଲ ଅନୁଷ୍ଠାନମାନଙ୍କୁ ଏକ ମଂଚରେ ଆଣିବାକୁ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

# ନାବାଳିକାକୁ ଜୋର ଜବରଦସ୍ତି ବିବାହ ଉଦ୍ୟମ: ବାପା ଓ ପ୍ରସ୍ତାବିତ ବରକୁ ଉଠାଇ ନେଲା ପୋଲିସ

ବାଲେଶ୍ୱର(ନି.ପ୍ର.)ଜଣେ ୧୭ ବର୍ଷୀୟା ନାବାଳିକାକୁ ଜୋର ଜବରଦସ୍ତି ବିବାହ କରିବା ପାଇଁ ଚାଲିଥିବା ଉଦ୍ୟମକୁ ପଣ୍ଡ କରିଛନ୍ତି ଗ୍ରାମବାସୀ । ମାଆ ସହିତ ଦୀର୍ଘ ପାଂଚ ବର୍ଷ ଧରି ସମ୍ପର୍କ ରହିଥିବା ବେଳେ ଏବେ ନାବାଳିକା ଝିଅ ଉପରେ ଲୋଲୁପ ଦୃଷ୍ଟି ପକାଇଛି ସଇତାନ ଯୁବକ । ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସଦର ଥାନା ଅନ୍ତର୍ଗତ କଂଚନିବାଗ ଅଂଚଳରେ । ନାବାଳିକାକୁ ବିବାହ ପାଇଁ ବାଧ କରାଯାଉଥିବା ଅଭିଯୋଗରେ ସଦର ଥାନା ପୋଲିସ ଝିଅର ବାପା ଏବଂ ବିବାହ ପ୍ରସ୍ତାବ ନେଇ ଆସିଥିବା ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସୂଚନା ଅନୁଯାୟୀ, କଂଚନିବାଗ ଅଂଚଳର ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ ଜୋର ଜବରଦସ୍ତି ବିବାହ ଦେବାକୁ ଉଦ୍ୟମ କରୁଥିଲେ । ମାତ୍ର ନାବାଳିକା ଜଣକ ସବୁ ଜାଣି ଏହି ବିବାହ ପାଇଁ ସମ୍ପୂର୍ଣ୍ଣ ଅରାଜି ଥିଲେ । ଏପରିକି ବିବାହ ପ୍ରସ୍ତାବ ନେଇ ଆସିଥିବା ଜିତେନ୍ଦ୍ର ବାରିକ ନାମକ ଯୁବକଜଣକ ନାବାଳିକାଙ୍କୁ ମାଡ଼ ମାରିବା ସହ ବେକ ଚିପି ଜୋର ଜବରଦସ୍ତି ରାଜି କରାଇବାକୁ ଚେଷ୍ଟା କରିଥିବା



ଅଭିଯୋଗ ହୋଇଛି । ଏଥିରେ ନାବାଳିକାଙ୍କ ମାତାପିତା ମଧ୍ୟ ଯୁବକଙ୍କୁ ସହଯୋଗ କରୁଥିଲେ । ଯେଉଁଥିରେ ନାବାଳିକାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଗ୍ରାମବାସୀ ଏବଂ ମହିଳାମାନେ ଘଟଣାସ୍ଥଳରେ ପହଂଚି ଉକ୍ତ ଯୁବକଙ୍କୁ ଅଟକ ରଖିବା ସହ ସଦର ଥାନା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ସଦର ଥାନା ପୋଲିସ ତୁରନ୍ତ ଗାଁରେ ପହଂଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କ ବାପା ଲକ୍ଷ୍ମୀଧର ମାଝି, ଏବଂ ପ୍ରସ୍ତାବିତ ବର ଜିତେନ୍ଦ୍ର ବାରିକଙ୍କୁ ଥାନାକୁ ଉଠାଇ ନେଇଛି । ପୋଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି । ତେବେ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଯୁବକ ଜଣକ ଗତ ୫ ବର୍ଷ ହେବ ତାଙ୍କ ଘରକୁ ଆସୁଥିଲା ଏବଂ ଝିଅର ମା' ସହିତ ତାର ସମ୍ପର୍କ ରହିଥିଲା, ଯାହା ସମସ୍ତେ ଜାଣିଛନ୍ତି । ହେଲେ ଏବେ ସେମାନେ ସେହି ଯୁବକ ସହ ୧୭ ବର୍ଷର ନାବାଳିକା ଝିଅକୁ ବିବାହ ଦେବାକୁ ଜୋର ଜବରଦସ୍ତି କରୁଛନ୍ତି । ଯାହାକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି । ମା' ସହିତ ସମ୍ପର୍କ ରଖିବା ପରେ ପୁଣି ଝିଅକୁ କେମିତି ବିବାହ ଦିଆଯିବ, ଏହା ଭୁଲ ବୋଲି ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ ।

# ଚାନ୍ଦିପୁର ରେଞ୍ଜରେ ଅଲିଭ ରିଡ଼ଲେ କଇଁଛଙ୍କ ରେକର୍ଡ ସଂଖ୍ୟକ ପ୍ରଜନନ

ବାଲେଶ୍ୱର(ନି.ପ୍ର.): 'ବିଶ୍ୱ କଇଁଛ ଦିବସ' ଅବସରରେ ଚାନ୍ଦିପୁର ୱାଇଲ୍ଡଲାଇଫ୍ ରେଞ୍ଜ ପକ୍ଷରୁ ୨୦୨୬ ମସିହାର ଅଲିଭ ରିଡ଼ଲେ କଇଁଛ ପ୍ରଜନନ ରିପୋର୍ଟ ପ୍ରକାଶ ପାଇଛି । ଚଳିତ ବର୍ଷ ରେଞ୍ଜ ଅଧୀନରେ ଥିବା ୬ଟି କ୍ୟାମ୍ପ ବା ବିଟ୍ ରେ ମୋଟ ୧୩୦ ଟି ବସାରୁ ସଫଳ ପ୍ରଜନନ ହୋଇଛି ।ମିଳିଥିବା ସୂଚନା ଅନୁସାରେ, ଚାନ୍ଦିପୁର ରେଞ୍ଜର ଲଙ୍ଗଳେଶ୍ୱର ଓ ଚାନ୍ଦିପୁର ସେକ୍ସନର ୬ଟି କ୍ୟାମ୍ପ ବା ବିଟ୍ ଯଥା ଚୌମୁଖ, ଡଗର, ହଂସକରା, କଷାଫଳ, ପରିଖି ଓ ଚାନ୍ଦିପୁର । ଚଳିତବର୍ଷ ଲଙ୍ଗଳେଶ୍ୱର ସେକ୍ସନ ଚଉମୁଖ ରେ ୭ ହଜାର ୨୩ ଟି ଅଣ୍ଡାରୁ ୬୩ ବସାରୁ ୪ ହଜାର ୫୮୮ ଛୁଆ, ଡଗରାରେ ୨ ହଜାର ୪୦୫ ଅଣ୍ଡାରୁ ୧୮୭୬ ଛୁଆ, ହଂସକରାରେ ୨ ହଜାର ୩୫୩ ଅଣ୍ଡାରୁ ୧୬୫୭ ଛୁଆ, କଷାଫଳରେ ୫୭୬ ଅଣ୍ଡାରୁ ୪୯୫ ଛୁଆ ଏବଂ ଚାନ୍ଦିପୁର ସେକ୍ସନର ପରିଖିରେ ୪୬୫ ଅଣ୍ଡାରୁ ୯୮୭ ଛୁଆ ଓ ଚାନ୍ଦିପୁର ରେ ୩୧୬ ଅଣ୍ଡାରୁ ୧୬୨ କଇଁଛ ଜନ୍ମ ହୋଇଛି ।



ଅର୍ଥାତ୍ ୨୦୨୬ ରେ ବର୍ତ୍ତମାନ ସୁଦ୍ଧା ୧୪ ହଜାର ୧୩୮ ଟି ଅଣ୍ଡାଦାନ ହୋଇଥିବା ବେଳେ ୯ ହଜାର ୭୬୫ ଛୁଆ ଫୁଟିଛି । ଏସବୁ ଭିତରୁ ଲଙ୍ଗଳେଶ୍ୱର ସେକ୍ସନର ଚଉମୁଖ କ୍ୟାମ୍ପରେ ସର୍ବାଧିକ ୬୩ଟି ବସା ଚିହ୍ନଟ ହୋଇଛି । ସେଠାରୁ ୭ ହଜାର ୨୩ ଅଣ୍ଡା ମଧ୍ୟରୁ ୪ ହଜାର ୫୮୮ ଛୁଆ ସମୁଦ୍ରକୁ ଯାଇଛନ୍ତି ।ଚଳିତବର୍ଷ ଚାନ୍ଦିପୁର ରେଞ୍ଜରେ ମୋଟ ୧୪ ହଜାର ୧୩୮ ଅଣ୍ଡାରୁ ୯ ହଜାର ୭୬୫ ଛୁଆ ଅର୍ଥାତ୍ ପ୍ରାୟ ୬୮ ପ୍ରତିଶତ ସଫଳତାର ସହ ସମୁଦ୍ରକୁ ଫେରିଛନ୍ତି । ବାକି ୪ ହଜାର ୩୭୩ ଟି ଅଣ୍ଡା ନଷ୍ଟ ହୋଇଛି । ଚାନ୍ଦିପୁରର ରେଞ୍ଜର୍ ମନୱ୍ୱାର ଖାନଙ୍କ କହିବା ଅନୁସାରେ, ଚଳିତବର୍ଷ ସମସ୍ତ ବସାଦାନ ବିଚ୍ଛିନ୍ନ ଭାବରେ ହୋଇଥିଲା । ପ୍ରତ୍ୟେକ ବସାକୁ ତାରଜାଲି ଘେରା ଦେଇ ସୁରକ୍ଷା ଦିଆଯାଇଥିଲା । ଏହା ସହ ୨୪ ଘ[ିଆ ପାଟ୍ରୋଲିଂ ଓ ସ୍ଥାନୀୟ 'କଇଁଛ ମିତ୍ର'ଙ୍କ ସହଯୋଗରେ ଛୁଆଙ୍କୁ ସୁରକ୍ଷିତ ଭାବେ ସମୁଦ୍ରକୁ ଛଡାଯାଇଛି । ମୋଟ ୧୪,୧୩୮ଟି ଅଣ୍ଡାରୁ ୪,୩୭୩ଟି ଅଣ୍ଡା ବିଭିନ୍ନ ପ୍ରାକୃତିକ କାରଣରୁ ନଷ୍ଟ ହୋଇଯାଇଛି । ବନ ବିଭାଗ ସୂଚନା ଦେଇଛି ଯେ ଆହୁରି କିଛି ଅଣ୍ଡା ଫୁଟିବା ବାକି ଅଛି, ତେଣୁ ଶେଷ ସଫଳତା ହାର ଆହୁରି ବଢ଼ିବା ସମ୍ଭାବନା ରହିଛି ।

# ବାଲେଶ୍ୱର ବ୍ରାହ୍ମସମାଜ ପରିସରରେ ମହାତ୍ମା ରାଜା ରାମମୋହନ ରାୟଙ୍କ ୨୫୪ତମ ଜୟନ୍ତୀ ପାଳିତ

ବାଲେଶ୍ୱର, (ନି.ପ୍ର.) ଭାରତୀୟ ସମାଜ ସଂସ୍କାର ଆନ୍ଦୋଳନର ଅଗ୍ରଦୂତ, ସତୀଦାହ ପ୍ରଥାର ବିଲୋପକାରୀ ଏବଂ ନାରୀମୁକ୍ତିର ପ୍ରବକ୍ତା ମହାତ୍ମା ରାଜା ରାମମୋହନ ରାୟଙ୍କ ୨୫୪ତମ ଜୟନ୍ତୀ ବାଲେଶ୍ୱର ସହର ସୁଏଲପୁରସ୍ଥିତ ଉତ୍କଳ ନବବିଧାନ ବ୍ରାହ୍ମସମାଜ ପରିସରରେ ଗୁରୁବାର ପୂର୍ବାହ୍ଣରେ ଭକ୍ତିଭାବ ଓ ଗାମ୍ଭୀର୍ଯ୍ୟର ସହ ଅନୁଷ୍ଠିତ ହୋଇଯାଇଛି ।

କାର୍ଯ୍ୟକ୍ରମର ଆରମ୍ଭରେ ଆଚାର୍ଯ୍ୟ ବିଶ୍ୱରଞ୍ଜନ ପଣ୍ଡା ବ୍ରହ୍ମଉପାସନା ପରିଚାଳନା କରିଥିଲେ । ପରେ ସତ୍ୟସିଂହ ଦାସ, ସୁଧିରଚନ୍ଦ୍ର ଦାସ, ଗୀତି ପଣ୍ଡାଙ୍କ ସହ ଉପସ୍ଥିତ ସଦସ୍ୟମାନେ ସମବେତ ସଙ୍ଗୀତ



ପରିବେଷଣ କରିଥିଲେ । ଏହାପରେ ଅନୁଷ୍ଠିତ ବକ୍ତୃତା ସଭାରେ ଆଚାର୍ଯ୍ୟ ଇଂ. ଅମରେନ୍ଦ୍ର କର ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରାଧ୍ୟାପକ ଡ. ଅନନ୍ତ କର ଯୋଗଦେଇଥିବାବେଳେ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଅରବିନ୍ଦ ଗିରି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ କବି ଡ. କାଳୀପଦ ପଣ୍ଡା ଉପସ୍ଥିତ ରହିଥିଲେ ।ବକ୍ତାମାନେ ରାଜା ରାମମୋହନ ରାୟଙ୍କ ସମାଜ ସଂସ୍କାରମୂଳକ ଅବଦାନ ଉପରେ ଆଲୋକପାତ କରି କହିଥିଲେ ଯେ, ବ୍ରିଟିଶ ଶାସନକାଳରେ ଧର୍ମାନ୍ଧତାର ଆବରଣରେ ଚାଲିଥିବା ଲୋମହର୍ଷଣକାରୀ ସତୀଦାହ ପ୍ରଥା ବିରୋଧରେ ରାଜା ରାମମୋହନ ରାୟ ସାରାଜୀବନ ସଂଗ୍ରାମ କରିଥିଲେ । ତାଙ୍କ ଅକ୍ଲାନ୍ତ ପ୍ରୟାସରେ ସତୀଦାହ ପ୍ରଥାର ବିଲୋପ ସମ୍ଭବ ହୋଇଥିଲା । ସେ ବାଲ୍ୟବିବାହ ଉଚ୍ଛେଦ ଓ ବିଧବା ବିବାହ ପ୍ରଚଳନ ପରି ଅନେକ ସମାଜ ସଂସ୍କାରମୂଳକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ଅବଦାନ ଭାରତୀୟ ସମାଜ ପାଇଁ ସଦା ଚିରସ୍ମରଣୀୟ ବୋଲି ସେମାନେ ମତପ୍ରକାଶ କରିଥିଲେ ।ଉତ୍କଳ ନବବିଧାନ ବ୍ରାହ୍ମସମାଜ ବାଲେଶ୍ୱର ଶାଖାର ସଭାପତି ଶ୍ରୀମତୀ ସୁଚିତ୍ରା ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ, ସମ୍ପାଦକ ଶ୍ରୀ ଜିତେନ୍ଦ୍ର କର କୃତଜ୍ଞତା ଅର୍ପଣ କରିଥିଲେ ।ଏହି ଅବସରରେ ଜ୍ଞାନରଞ୍ଜନ ପଣ୍ଡା, ଶାକ୍ୟସିଂହ ଦାସ, ସତ୍ୟସିଂହ ଦାସ, ଅଶ୍ୱିନୀ କୁମାର କର, ସୁଶ୍ରୀ ସିପ୍ରା ଦାସ, ଶ୍ରୀମତୀ ସ୍ୱପ୍ନା କର, ଶ୍ରୀମତୀ ଚିତ୍ରା ଦାସ, ଚଂଚଳ ଚନ୍ଦ୍ର ବର୍ଦ୍ଧନ, ଶ୍ରୀମତୀ ରୂପାବେଣୀ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ସିବିଏସ୍ଇର ତୃତୀୟ ଭାଷା ଉଚ୍ଛେଦ ନିଷ୍ପତିକୁ ତୀବ୍ର ବିରୋଧ: ମାତୃଭାଷା ପ୍ରତି ଚକ୍ରାନ୍ତ ବୋଲି କହିଲେ ଶିକ୍ଷାବିତ୍ ଡ. ପଟ୍ଟନାୟକ

ବାଲେଶ୍ୱର,(ନି.ପ୍ର.): ସେବାନିବୃତ୍ତ ଶିକ୍ଷାବିତ୍ ତଥା ବିଶିଷ୍ଟ ଲେଖକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ଯେ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (CBSE) ପକ୍ଷରୁ ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ତୃତୀୟ ଭାଷା ପରୀକ୍ଷା ଉଚ୍ଛେଦ କରାଯିବା ନିଷ୍ପତି ଓଡ଼ିଆ ଭାଷାକୁ ଶିକ୍ଷା ବ୍ୟବସ୍ଥାରୁ ଦୂରେଇ ଦେବାର ଏକ ସୁଚିନ୍ତିତ ଚକ୍ରାନ୍ତ । ସେ ଏହି ଏକତରଫା ନିଷ୍ପତି ବିରୋଧରେ ଓଡ଼ିଶା ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜରୁରୀ ବିବୃତି ଜାରି କରି ତୁରନ୍ତ ହସ୍ତକ୍ଷେପ ଦାବି କରିଛନ୍ତି ।ଡକ୍ଟର ପଟ୍ଟନାୟକ କହିଛନ୍ତି ଯେ, ଯେଉଁ ମାତୃଭାଷା ଶିକ୍ଷାର ପ୍ରଥମ ଓ ପ୍ରଧାନ ଭାଷାର ମର୍ଯ୍ୟାଦା ପାଇବା କଥା, ସିବିଏସଇ ନିଜର ମନମୁଖୀ ଗାଇଡ଼ଲାଇନ ବଳରେ ତାହାକୁ ତୃତୀୟ ଭାଷାର ସ୍ଥାନକୁ ଠେଲି ଦେଇଛି । ବର୍ତ୍ତମାନ ଇଂରାଜୀକୁ ପ୍ରଥମ ଏବଂ ହିନ୍ଦୀକୁ ଦ୍ୱିତୀୟ ସ୍ଥାନ ଦିଆ ଯାଇଥିବା ବେଳେ



ଆଂଚଳିକ ମାତୃଭାଷାକୁ ଅବହେଳିତ ତୃତୀୟ ସ୍ଥାନରେ ରଖାଯାଇଛି । ନିୟମ ଅନୁସାରେ ଯେଉଁ ରାଜ୍ୟର ପିଲା, ସେହି ରାଜ୍ୟର ଭାଷା ହିଁ ପ୍ରଥମ ଭାଷା ହେବା ଉଚିତ ବୋଲି ସେ ମତ ଦେଇଛନ୍ତି । ପୂର୍ବରୁ ଇଂରାଜୀ ସହିତ ହିନ୍ଦୀ, ଓଡ଼ିଆ କିମ୍ବା ସଂସ୍କୃତ ମଧ୍ୟରୁ ଛାତ୍ରଛାତ୍ରୀମାନେ ନିଜ ରୁଚି ଅନୁସାରେ ବିଷୟ ନିର୍ବାଚନ କରି ପରୀକ୍ଷା ଦେଉଥିଲେ । ମାତ୍ର ବର୍ତ୍ତମାନର ଏହି ନୂତନ ନିୟମ ଯୋଗୁଁ ଓଡ଼ିଶାରେ ଥାଇ ମଧ୍ୟ କେତେକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓଡ଼ିଆ ଭାଷାକୁ ସଂପୂର୍ଣ୍ଣ ବାଦ୍ ଦେଇ କେବଳ ହିନ୍ଦୀ ଓ ସଂସ୍କୃତ ପଢ଼ାଉଛନ୍ତି, ଯାହା ଅତ୍ୟନ୍ତ ପରିତାପର ବିଷୟ । ଡକ୍ଟର ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି ଯେ, ଗୋଟିଏ ନିର୍ଦ୍ଦିଷ୍ଟ ରାଜ୍ୟରେ ପ୍ରତିଷ୍ଠିତ ବିଦ୍ୟାଳୟଗୁଡ଼ିକରେ ଯଦି ସେହି ରାଜ୍ୟର ସ୍ୱାଭିମାନ ଓ ମାତୃଭାଷାକୁ ଗୁରୁତ୍ୱ ଦିଆନଯିବ, ତେବେ ସରକାର ମାତୃଭାଷାର ଭବିଷ୍ୟତକୁ କେଉଁ ଆଡ଼କୁ ନେଇଯାଉଛନ୍ତି ବୋଲି ପ୍ରଶ୍ନ ଉଠିବ । କେବଳ ନବମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତ୍ରିଭାଷା ସୂତ୍ର ଅଧୀନରେ ଓଡ଼ିଆ ପଢ଼ିବେ ଏବଂ ଦଶମ ଶ୍ରେଣୀରେ ବୋର୍ଡ ପରୀକ୍ଷା ଦେବେ ନାହିଁ, ଏହା ଏକ ବିକୃତ ମାନସିକତା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି ପରିସ୍ଥିତିରେ ଯେଉଁ ଛାତ୍ରଛାତ୍ରୀମାନେ ଦଶମ ପରେ ସିବିଏସଇ ଛାଡ଼ି ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବା କଲେଜରେ ନାମ ଲେଖାଇବେ, ସେମାନେ ଓଡ଼ିଆ ଭାଷାକୁ କିପରି ଆୟତ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେ ମନେ ପକାଇ ଦେଇଛନ୍ତି ଯେ ବିଗତ ଦିନରେ ମାତୃଭାଷା ଓଡ଼ିଆ ପାଇଁ ହିଁ ସିବିଏସଇର ଛାତ୍ରଛାତ୍ରୀମାନେ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତୀର୍ଣ୍ଣ ହେଉଥିଲେ ।

# ରାଜ୍ୟପାଳ ପୁରସ୍କାର ପାଇଲେ ଡ଼ଃ ଯଦୁନାଥ କଲେଜର ଛାତ୍ର

ବାଲେଶ୍ୱର,(ନି.ପ୍ର.): ସ୍କାଉଟ୍ ? ଓ ଗାଇଡ୍ ? ଦ୍ୱାରା ପରିଚାଳିତ ରାଜ୍ୟର ସର୍ବୋଚ୍ଚ ସମ୍ମାନ 'ରାଜ୍ୟପାଳ ପୁରସ୍କାର' ଡ଼ଃ ଯଦୁନାଥ କଲେଜର ଛାତ୍ର ଚନ୍ଦନ କୁମାର ମହାନ୍ତିଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟପାଳଙ୍କ ହସ୍ତରୁ ସମ୍ମାନିତ ହୋଇ ସେ କଲେଜ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ।ଏହାସହ କଲେଜର ୧୨ ଜଣ ରୋଭର ଓ ରେଞ୍ଜରଙ୍କୁ ମଧ୍ୟ ବିଭିନ୍ନ ସେବାମୂଳକ କାର୍ଯ୍ୟ ପାଇଁ ବିବେଚିତ କରାଯାଇ ରାଜ୍ୟପାଳଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଛି ।ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ଅଭିଷେକ ହଲ୍ ?ରେ ଆୟୋଜିତ ଉତ୍ସବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ




ଓ ସ୍କାଉଟ୍ ? ଓ ଗାଇଡ୍ ?ର ରାଜ୍ୟ କମିଶନର କାଳୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ ।ମହାବିଦ୍ୟାଳୟର ରୋଭର ଓ ରେଞ୍ଜର ବିଭାଗ ମଣିନାଗେଶ୍ୱର ଜାଗର ମେଳାରେ ଜଳସେବା, ଚନ୍ଦନେଶ୍ୱର ଚଡ଼କ ମେଳାରେ ସେବାକାର୍ଯ୍ୟ, ଖରାଦିନରେ ଜଳସେବା ସହିତ ମହାବିଦ୍ୟାଳୟରେ ବିଭିନ୍ନ ଜନଜାଗରଣ କାର୍ଯ୍ୟକ୍ରମ କରି ଉଚ୍ଚ ପ୍ରଶଂସା ଲାଭ କରିଥିଲେ ।ଉତ୍ସବରେ ସ୍କାଉଟ୍ ? ରୋଭର ଲିଡର ସଞ୍ଜୟ କୁମାର ସାହୁ ଓ ରସାୟନ ବିଭାଗର ଅଧ୍ୟାପକ ଭାଗ୍ୟଦୀପ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।ମହାବିଦ୍ୟାଳୟର ଅଧ୍ୟକ୍ଷା ତୃପ୍ତିଲତା ଦାସଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅବସରପ୍ରାପ୍ତ ଅଧ୍ୟକ୍ଷମାନେ ଚନ୍ଦନ କୁମାର ମହାନ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ବାଲେଶ୍ୱରରେ ଉନ୍ମୋଚିତ ହେଲା ଲେଖକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ତିନୋଟି ପୁସ୍ତକ

ବାଲେଶ୍ୱର, (ନି.ପ୍ର.): ଶ୍ରଦ୍ଧା ପବ୍ଲିକେଶନ ପକ୍ଷରୁ ପ୍ରକାଶିତ ବିଶିଷ୍ଟ ଲେଖକ ଶାନ୍ତନୁ କୁମାର ପଟ୍ଟନାୟକଙ୍କ ତିନୋଟି ନୂଆ ପୁସ୍ତକ 'ଅଭୁଲା ଅତୀତ', 'ଏଇଠୁ ଆରମ୍ଭ' ଓ 'ଏଇ ଆମ ସଂସ୍କୃତି' ଆଜି ସଂଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ମହା ଆଡ଼ମ୍ବର ସହ ଉନ୍ମୋଚିତ ହୋଇଯାଇଛି । ବହୁ ସାହିତ୍ୟିକ, ବୁଦ୍ଧିଜୀବୀ ଓ ପାଠକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବ ସାହିତ୍ୟ ଜଗତରେ ଏକ ନୂଆ ଉତ୍ସାହ ସୃଷ୍ଟି କରିଥିଲା ।ବିଶିଷ୍ଟ କବି ତଥା ଲେଖକ କାଳିକିଙ୍କର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ଭାଗବତ ବେହେରା, ଡକ୍ଟର ପ୍ରଦୀପ୍ତ ମିଶ୍ର ଓ ଅଧ୍ୟାପିକା ପ୍ରତୀଚୀ ନନ୍ଦ ଅତିଥି ଭାବେ ଯୋଗ ଦେଇ ପୁସ୍ତକଗୁଡ଼ିକର ଗଭୀର ସମୀକ୍ଷା କରିଥିଲେ । ଡକ୍ଟର ବେହେରା 'ଅଭୁଲା ଅତୀତ'କୁ ସ୍ମୃତି ଓ ଅନୁଭୂତିର ଏକ ଜୀବନ୍ତ




ଦସ୍ତାବିଜ ବୋଲି କହିଥିବା ବେଳେ, ଡକ୍ଟର ମିଶ୍ର 'ଏଇଠୁ ଆରମ୍ଭ'ରେ ନୂଆ ପିଢ଼ି ପାଇଁ ଥିବା ଆଶାର ବାର୍ତା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପିକା ନନ୍ଦ 'ଏଇ ଆମ ସଂସ୍କୃତି' ପୁସ୍ତକକୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ସରଳ ଓ ବୋଧଗମ୍ୟ ଚିତ୍ର ବୋଲି ବର୍ଣ୍ଣନା କରିଥିଲେ ।ପ୍ରାରମ୍ଭରେ ପ୍ରକାଶକ ସମରେନ୍ଦ୍ରନାଥ ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ପୁସ୍ତକଗୁଡ଼ିକର ପ୍ରକାଶନ ପଛର ଉଦ୍ଦେଶ୍ୟ ଓ ଲେଖକଙ୍କ ସାହିତ୍ୟ ସାଧନା ସମ୍ପର୍କରେ ସୂଚନା ଦେଇଥିଲେ । ସେ କହିଥିଲେ, ଶାନ୍ତନୁ ବାବୁଙ୍କ ଲେଖନୀରେ ଅତୀତର ଅନୁଭବ, ବର୍ତ୍ତମାନର ବାସ୍ତବତା ଓ ଭବିଷ୍ୟତର ସ୍ୱପ୍ନ ଏକାଠି ପ୍ରତିଫଳିତ ହୋଇଛି । ନିଜ ବକ୍ତବ୍ୟରେ ଲେଖକ ଶାନ୍ତନୁ କୁମାର ପଟ୍ଟନାୟକ ସମସ୍ତ ଅତିଥି ଓ ପାଠକଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ, ସମାଜ ଓ ସଂସ୍କୃତି ପ୍ରତି ନିଜର ଦାୟିତ୍ୱବୋଧରୁ ସେ ଏହି ପୁସ୍ତକଗୁଡ଼ିକ ରଚନା କରିଛନ୍ତି । ଉତ୍ସବ ଶେଷରେ ସଭାପତି କାଳିକିଙ୍କର ଦାସ ଲେଖକଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଏଭଳି ସୃଜନଶୀଳ କାର୍ଯ୍ୟ ଜାରି ରଖିବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହରର ବହୁ ସାହିତ୍ୟାନୁରାଗୀ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡ଼ି ସେନା ପ୍ରଶିକ୍ଷଣ ନେଉଥିବା ଛାତ୍ରଙ୍କ ମୃତ୍ୟୁ

ବାଲେଶ୍ୱର,(ନି.ପ୍ର.):ସେନାରେ ଭର୍ତି ହେବାର ସ୍ୱପ୍ନ ନେଇ ପ୍ରଶିକ୍ଷଣ ନେଉଥିବା ଜଣେ ଯୁବକଙ୍କର ପୋଖରୀରେ ବୁଡି ମୃତ୍ୟୁ ଘଟିଥିବା ଘଟଣା ବାଲେଶ୍ୱର ଜିଲ୍ଲାର ସୋର ଅଂଚଳରେ ଶୋକର ଛାୟା ଖେଳାଇଦେଇଛି । ମୃତ ଯୁବକ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଂଚଳର ଭୋଳାନାଥ ଓଝା ବୋଲି ଜଣାପଡିଛି । ସୂଚନା ଅନୁସାରେ, ଭୋଳାନାଥ ସୋର କଲେଜ ଛକ ନିକଟରେ ଥିବା ଏକ ଘରୋଇ ସେନା ପ୍ରଶିକ୍ଷଣ କେନ୍ଦ୍ର 'ସୈନିକ ଏକାଡେମୀ'ରେ ନାଁ ଲେଖାଇ ସେନାରେ ଯୋଗଦେବା ପାଇଁ ପ୍ରସ୍ତୁତି ନେଉଥିଲେ । ଆଜି ମଧ୍ୟାହ୍ନ ସମୟରେ ସେ ପହଁରିବା ଶିଖିବା ପାଇଁ ନିକଟସ୍ଥ ଏକ ପୋଖରୀକୁ ଯାଇଥିବା ବେଳେ ଅସାବଧାନତାବଶତଃ ପାଣିରେ ବୁଡିଯାଇଥିଲେ ।ଘଟଣା ସମ୍ପର୍କରେ ଖବର ପାଇ ସୋର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଦୀର୍ଘ ପ୍ରାୟ ଏକ ଘ[ା ଧରି ଖୋଜାଖୋଜି କରିଥିଲେ । ପରେ ପୋଖରୀରୁ ଭୋଳାନାଥଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ଏହି ଦୁଃଖଦ ଘଟଣା ପରେ ପରିବାର ଓ ପ୍ରଶିକ୍ଷଣ କେନ୍ଦ୍ରରେ ଶୋକର ପରିବେଶ ସୃଷ୍ଟି ହୋଇଛି । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।



# ବଟବୃକ୍ଷ ସୁରକ୍ଷା ମଂଚର ଆଭିମୁଖ୍ୟ

ବାଲେଶ୍ୱର(ନି.ପ୍ର.) ଆମ୍ଭମାନଙ୍କର ଦୈନନ୍ଦିନ ବସିବା ସ୍ଥାନ ଜ୍ଲିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବଟବୃକ୍ଷ ସ୍ଥଳ ଠାରେ କିଛି ବରିଷ୍ଠ, ସମବୟସ୍କ ଓ କନିଷ୍ଠ ସାମ୍ବାଦିକ ବନ୍ଧୁଙ୍କ ମଧ୍ୟରେ ଆଲୋଚନା, ପର୍ଯ୍ୟାଲୋଚନା ଓ ସମାଲୋଚନାରୁ ସୃଷ୍ଟି ହୋଇଥିବା ବଟ ବୃକ୍ଷ ସୁରକ୍ଷା ମଂଚ କ୍ରମଶଃ ନିଜର ସ୍ଥିତି ଜାହିର କରିବାରେ ଲାଗିପଡ଼ିଛି କ୍ଷ ବର୍ତମାନ ସୁଦ୍ଧା ପାଖାପାଖି ୩୫ଜଣ ସଦସ୍ୟ ଓ ସଦସ୍ୟାଙ୍କ ଠାରେ ଏହା ଆଦୃତ ହୋଇ ପାରିଛି କ୍ଷ ଯାହାର ମୂକ ସାକ୍ଷୀ ଏହି ଗ୍ରୁପ ଅଟେ କ୍ଷ ମଂଚ ଗଠନର ମୂଳ ଲକ୍ଷ ଯଥାସମ୍ଭବ ଜନକଲ୍ୟାଣ କାର୍ଯ୍ୟକରି ଆତ୍ମସନ୍ତୋଷ ଲାଭ କରିବା । ସମୟାନୁ କ୍ରମେ ବଡ଼ବଡ଼ ପ୍ରାସାଦ ନିର୍ମାଣ କରିବା ପାଇଁ ଯେଉଁଭଳି ଐତିହ୍ୟ ବୃକ୍ଷ ଗୁଡିକୁ ନଷ୍ଟ କରିଦିଆଯାଉଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ, ଏହି ବୃକ୍ଷ ଗୁଡିକୁ ଆବଶ୍ୟକ ସ୍ଥଳେ ସୁରକ୍ଷା ଦେବା ସହିତ ପ୍ରଦୂଷଣ ମୁକ୍ତ ପରିବେଶ ସୃଷ୍ଟି କରିବା ନିମନ୍ତେ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ଆବଶ୍ୟକତା ମନେକରି ଗଠିତ ହୋଇଛି ବଟବୃକ୍ଷ ସୁରକ୍ଷା ମଂଚ କ୍ଷ ଏଥିସହ ଆମ୍ଭ ସାମ୍ବାଦିକ ଭାଇ ଓ ଭଉଣୀ ମାନେ ଦୈନନ୍ଦିନ କାର୍ଯ୍ୟ ବ୍ୟସ୍ତତା କାରଣରୁ ନିଜର ଖୁସି କୁ ଜଳାଞ୍ଜଳି ଦେଇ ଆଗକୁ ମାଡି ଚାଲିଛନ୍ତି କ୍ଷ ତାଙ୍କ ମନରେ ଟିକିଏ ଖୁସି ଭରିଦେବା ଓ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ଭାବ ବଜାଇରଖିବା ନେଇ ସେମାନଙ୍କ ଜନ୍ମଦିନକୁ ମଂଚ ପକ୍ଷରୁ ପାଳନ କରାଯାଇ ସଭିଁଙ୍କ ମନରେ ଖୁସି ଭରିଦେବାର ପ୍ରଚେଷ୍ଟା କରୁଛି ମଂଚ ।

## ବ୍ୟାସ ଫାଉଣ୍ଡେସନର ସହଯୋଗରେ ଦିବ୍ୟାଙ୍ଗ ବିଧବା ପାଇଲେ ଭତା

ପାରାଦୀପ - ଦୀର୍ଘ ୧୬ ମାସ ଧରି, ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କନକପୁର ପଂଚାୟତ ଅଧୀନସ୍ଥ ତରାପୁର (ଛାତ୍ର ମଠ) ଗ୍ରାମର ଶାନ୍ତିଲତା ଦାସ ନାମକ ଜଣେ ପୂର୍ଣ୍ଣ ଦିବ୍ୟାଙ୍ଗ ବିଧବା ମହିଳା, ମାସିକ ବାରଶହ ଟଙ୍କାର ଭତା ପାଉନଥିବା ଖବର ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶିତ ହେବା ପରେ, ସତ୍ୟସାଇ ବାବାଙ୍କ ପ୍ରଶାନ୍ତି ରେ ଥାଇ, ବ୍ୟାସ ଫାଉଣ୍ଡେସନ ର ଅଧକ୍ଷକ୍ଷ ସ୍ନେହମୟୀ ଆଚାର୍ଯ୍ୟଙ୍କ ଦୃଷ୍ଟିକୁ ଆସିଥିଲା ଏହି ସମ୍ବେଦନଶିଳ ଖବର । ଏତେ ଦୂରରେ ଥାଇ ମଧ ତତ୍କ୍ଷଣାତ ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କୁ ଅବଗତ କରାଇବା ସହିତ ତିର୍ତ୍ତୋଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ କୁମାର ସାହୁଙ୍କ ସହ ମଧ ଯୋଗାଯୋଗ କରିଥିଲେ । ଯାହାଫଳରେ ବିଭାଗୀୟ ଅଧିକାରୀ ମାନେ ହିତାଧିକାରୀଣୀଙ୍କ ଘରେ ପହଂଚି ବାସ୍ତବ ସ୍ଥିତି ଅନୁଧାନ କରିବା ପରେ ଗତ ଶନିବାର ଦିନ ତାଙ୍କୁ ବକେୟା ଥିବା ପନ୍ଦର ହଜାର ଟଙ୍କା ପ୍ରଦାନ କରିବା ସହିତ ଆଗାମୀ ଦିନରେ ନିୟମିତ ଭତା ଟଙ୍କା ପାଇବା ପାଇଁ ଆଶୁ ପଦକ୍ଷେପ ନିଆଯିବ ବୋଲି ଦୃଢ ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଓ କନକପୁର ଜନକଲ୍ୟାଣ ସେବା ସମବାୟ ସମିତି ର ସଭାପତି ଅଜୟ କୁମାର ରାଉଳ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ତେବେ ବ୍ୟାସ ଫାଉଣ୍ଡେସନ ର ଅଧକ୍ଷକ୍ଷ ଶ୍ରୀମତୀ ଆଚାର୍ଯ୍ୟ ଙ୍କର ଏପରି ନିସ୍ୱାର୍ଥପର ସେବା କାର୍ଯ୍ୟ ପାଇଁ ହିତାଧିକାରୀଣୀ ଦିବ୍ୟାଙ୍ଗ ବିଧବା ବୃଦ୍ଧା ଶାନ୍ତିଲତା ଦାସଙ୍କ ସମେତ ସ୍ଥାନୀୟ ଅଂଚଳର ଅଧିବାସୀ ମାନେ ତାଙ୍କର ଉଚ୍ଚପ୍ରଶଂସା କରିଛନ୍ତି ।

## ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ




ସୋର(ନିପ୍ର): ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ର ଦିବସ ବ୍ୟାପୀ ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି, ସକାଳ ୭ ଘଟିକା ରୁ ଗୀତା ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟା ୭ ଘଟିକା ରେ ପୂର୍ଣାହୁତି ହୋଇଥିଲା, ସକାଳ ୯-୩୦ ରୁ ସାଧାରଣ ସଭା ଓ ସମ୍ବର୍ଦ୍ଧନା ପର୍ବ ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ର ସଭାପତି ନିତ୍ୟାନନ୍ଦ କର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଥିଲା, ମୁଖ୍ୟ ଅତିଥି ଭାବ ରେ ବିଜୟ କୁମାର ମଲ୍ଲିକ ପ୍ରାକ୍ତନ ପ୍ରଧାନ ଆୟୁକ୍ତ କେନ୍ଦ୍ରୀୟ ପଣ୍ୟ ଓ ସେବାକର ଓ ସଂଯୁକ୍ତ ନିର୍ଦ୍ଦେଶକ ପ୍ରବର୍ତନ ନିର୍ଦ୍ଦେଶାଳୟ, ମୁଖ୍ୟ ବକ୍ତା ଭାବ ରେ ଡକ୍ଟର ସୁଶାନ୍ତ କୁମାର ପଣ୍ଡା ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରବଚକ, ବିଶିଷ୍ଟ ଅତିଥି ଭାବ ରେ ଶିବାଜୀ ଚରଣ ନାୟକ, ପ୍ରାକ୍ତନ ଅଧୀକ୍ଷକ କେନ୍ଦ୍ରୀୟ ପଣ୍ୟ ଓ ସେବାକର ସହାୟକ ଓ ନିର୍ଦ୍ଦେଶକ ପ୍ରବର୍ତନ ନିର୍ଦ୍ଦେଶାଳୟ, ସମ୍ମାନିତ ଅତିଥି ଭାବରେ ଶୁଭମ ପାଣି, ବ୍ୟବସାୟିକ ପରିଚାଳକ ବହୁ ରାଷ୍ଟ୍ରୀୟ କମ୍ପାନୀ ଆମେରିକା ଓ ସମ୍ପାଦକ, ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ପ୍ରଚାର ପ୍ରସାର ସ୍ୱୋ ସଂଗଠନ, ବଂଶୀ ଧର ରାଉତ ମଠା ଧୀଶ ଚିତୋଳ ଭାଗବତ ଗାଦି ମନ୍ଦିର, ପ୍ରଦୀପ କୁମାର ଦାସ ସଭାପତି ମା ତାରିଣୀ ମନ୍ଦିର କମିଟି, ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଗୁଡ଼ିନୋଡାଲ ହାଇସ୍କୁଲ ର ଛାତ୍ରୀ ସୁଶ୍ରୀ ଲିପ୍ସିତା ସାହୁ ୨୦୨୫ ମସିହା ହାଇସ୍କୁଲ ବୋର୍ଡ଼ ପରୀକ୍ଷାରେ ବାଲେଶ୍ୱର ଜିଲ୍ଲା ର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ, ଡାକ୍ତର ଶତାବ୍ଦୀ କର, ଚିକସ୍ଥା ଅଧିକାରିଣୀ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ଶିବାଶିଷ ସାହୁ, ସମାଜ ସେବୀ ଓ ପ୍ରାକ୍ତନ ଅଧାପକ, ଶିଶିର କୁମାର ଦାସ, ବରିଷ୍ଠ ସାମ୍ବାଦିକ ପ୍ରଗତିବାଦୀ, ପ୍ରଭଞ୍ଜନ ପାରିତୋଷ ସାହୁ, ପରିଚାଳକ, କ୍ରିଷ୍ଣା ଡେନ୍ସ ଏକାଡେମୀ, ଅନନ୍ତପୁର ସମ୍ବର୍ଦ୍ଧିତ ପ୍ରତିଭା ଓ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ମଂଚ ନିମନ୍ତ୍ରଣ କରିଥିବାବେଳେ, ବସନ୍ତ କୁମାର କର ମଂଚ ପରିଚୟ ପ୍ରଦାନ ସହ ପ୍ରାକ ସୂଚନା ପ୍ରଦାନ କରିଥିଲେ, ବିଜୟ କୁମାର କର ମହାପ୍ରଭୁ ଙ୍କ ଧାନ ମନ୍ତ୍ରପାଠ ଓ ପଣ୍ଡିତ ରମାକାନ୍ତ କର ବେଦ ପାଠ କଲା ପରେ କ୍ରିଷ୍ଣା ଡେନ୍ସ ଏକାଡେମି ର ଶିଶୁ କଳାକାର ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରି ଥିଲେ ଅତିଥି ମାନେ ନିଜ ନିଜ ର ଅଭିଭାଷଣ ରେ ମହା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭାବଧାରା ସମଗ୍ର ଭାରତବର୍ଷ ର କୋଣ ଅନୁକୋଣ ରେ ପ୍ରଚାର କରିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ, ମୁଖ୍ୟ ଅତିଥି, ଅନ୍ୟ ଅତିଥି ମାନେ ସମ୍ବର୍ଦ୍ଧିତ ପ୍ରତିଭା ମାନଙ୍କୁ ମାନପତ୍ର, ଶ୍ରୀ ଜଗନ୍ନାଥ ଙ୍କ ଫଟୋଚିତ୍ର, ଉତରୀୟ, କ୍ଷଚାରା ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା । ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦେଶ୍ୟ ରେ ମାନପତ୍ର ନକୁଳ ଚରଣ କର, ରଞ୍ଜିତା କର, ଭାବଗ୍ରାହୀ ରାଉତ , ସରସ୍ୱତୀ ମହାପାତ୍ର, ରବୀନ୍ଦ୍ର ମହାନ୍ତି, ପାଠ କରିଥିଲେ ଉତ୍ସବ ରେ ସେବାୟତ ପ୍ରବୀର କୁମାର କର, ଭୀମ ଚରଣ କର, ବିନୟ କୁମାର ପତି, ମାଧବୀ ଲତା କର, ପରିଚାଳନା କମିଟିର ସଭ୍ୟ ଚିତ ରଞ୍ଜନ ଦାଶ, ସୁଧାଂଶୁ ଶେଖର କର, ଲକ୍ଷ୍ମଣ କୁମାର ପାତ୍ର,ଜଗନ୍ନାଥ ଶଙ୍ଖୁଆ, ଶରତ କୁମାର କର, ସୁଜୟ ବିଶ୍ୱାଳ ଶୁଭ୍ରାଂଶୁ କର, ରମାକାନ୍ତ ସେଣ, ବସନ୍ତ କୁମାର ଘଡେଇ, ଗଜେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ, ଏହା ବ୍ୟତୀତ ମା ମଙ୍ଗଳା ମନ୍ଦିର କମିଟି, ତାରିଣୀ ମନ୍ଦିର କମିଟି, ଭାଗବତ ଗାଦି ମନ୍ଦିରକମିଟି, ପୂଜ୍ୟ ପୂଜା ସଂସଦ, ଆଦର୍ଶ ଯୁବ ପରିଷଦ ବ୍ଲୁ ଷ୍ଟାର କ୍ଲବ ର ସଭ୍ୟ ସଭ୍ୟା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ, ବିରଂଚି ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ହୋପ୍ସ ଟ୍ରଷ୍ଟର ସ୍ୱପ୍ନର ରଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତା




ବାରିପଦା(ନିପ୍ର): ହୋପ୍ସ ଟ୍ରଷ୍ଟ ପକ୍ଷରୁ କୁନି କୁନି ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ସହ ଅବହେଳିତ ଓ ସୁବିଧାରୁ ବଂଚିତ ପରିବେଶରୁ ଆସୁଥିବା ପିଲାମାନଙ୍କୁ ସମାନ ମଂଚ ପ୍ରଦାନ କରି ସେମାନଙ୍କର ସୃଜନଶୀଳତା ଓ ଆତ୍ମବିଶ୍ୱାସକୁ ଆଗକୁ ଆଣିବା ଉଦ୍ଦେଶ୍ୟରେ ସ୍ୱପ୍ନର ରଙ୍ଗ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାରିପଦା ମୁନିସିପାଲିଟିର ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କର ସୃଜନଶୀଳ ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ତଥା କାଉନସିଲର ଦେବାଶିଷ ପାତ୍ର, ରେଡ୍ କ୍ରସ ର ଆଜୀବନ ସଦସ୍ୟ ଅମର ସେଠୀ, ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀ ଏବଂ ସାଇ ବିଦ୍ୟାମନ୍ଦିରର ନିର୍ଦ୍ଦେଶକ ଡ଼ଃ. ପ୍ରଭଞ୍ଜନ ରାଉତ ଯୋଗଦେଇ ଏଭଳି ସୃଜନଶୀଳ କାର୍ଯ୍ୟକ୍ରମ କୁନିକୁନି ପିଲାମାନଙ୍କ ମନରେ ଥିବା ପ୍ରତିଭାକୁ ବିକଶିତ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ ବୋଲି କହିଥିଲେ । ହୋପ୍ସ ଟ୍ରଷ୍ଟର ଚେୟାରମ୍ୟାନ ତାପସ କୁମାର ନାୟକ ହୋପ୍ସ ସଦା ସର୍ବଦା ସମାଜର ସୁବିଧାରୁ ବଂଚିତ ମାନଙ୍କ ପାଇଁ କାର୍ଯ୍ୟ କରିଆସୁଛି ଏବଂ ଆଗାମୀ ଦିନରେ ମଧ ଏଭଳି ସୃଜନଶୀଳ ଓ ସମାଜମୂଳକ କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ । ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଲାମାନଙ୍କର ଚିତ୍ରର ମୂଲ୍ୟାଙ୍କନ କରିବା ସହ ସେମାନଙ୍କୁ ବିଭିନ୍ନ ଦିଗଦର୍ଶନ ଦେବା ନିମନ୍ତେ ବିଶିଷ୍ଟ ଶିଳ୍ପୀ ପଦ୍ମଲୋଚନ ଗିରି ଏବଂ ଯୁବ ଶିଳ୍ପୀ ଅମ୍ରିତ ହୋତା ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ଅନେକ କୁନିକୁନି ପିଲା ଦୁଇଟି ବିଭାଗରେ ଅଂଶଗ୍ରହଣ କରି ନିଜ ନିଜ ସ୍ୱପ୍ନକୁ ଚିତ୍ର ମାଧ୍ୟମରେ ସୁନ୍ଦର ଭାବେ ପରିବେଷଣ କରିଥିଲେ । ପିଲାମାନଙ୍କର ରଙ୍ଗତୂଳୀରେ ସମାଜ, ପ୍ରକୃତି, ଶିକ୍ଷା ଓ ସ୍ୱପ୍ନମୟ ଭବିଷ୍ୟତର ବିଭିନ୍ନ ଚିତ୍ର ଦେଖିବାକୁ ମିଳିଥିଲା । ହୋପ୍ସର ମ୍ୟାନେଜିଂ ଟ୍ରଷ୍ଟି ଜୟଶ୍ରୀ ଜେନା ନିଜର ବଳିଷ୍ଠ ନେତୃତ୍ୱ ଓ ସୁଚାରୁ ପରିଚାଳନା ମାଧ୍ୟମରେ ସମଗ୍ର କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିଥିବା ବେଳେ ହୋପ୍ସର ଟ୍ରଷ୍ଟି ଦୀପଙ୍କର ପରିଡ଼ା, ସୁବ୍ରତ ଜେନା ରାଜେଶ ନାୟକ, ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିବାରେ କୋର ଟିମ ସଦସ୍ୟ ସୁଜାତା ପୁଟ୍ଟି, ଇନ୍ଦିରା ପ୍ରିୟଦର୍ଶିନୀ, ସମ୍ପିତ ଜେନାଙ୍କ ସମେତ ଅନୁଷ୍ଠାନ ର ସ୍ୱେଚ୍ଛାସେବୀ ବ୍ରଜସୁନ୍ଦର ପାଠୀ, ହିମାଂଶୁ ମାଇତି, ସୌମ୍ୟରଂଜନ, ସୁଜିତ ପାତ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

## ସୁରେଶ କୁମାର ତ୍ରିପାଠୀ ନୂତନ ଏସଡିପିଓ ଭାବେ କାର୍ଯ୍ୟରେ ଯୋଗ ଦେବେ

ଜଳେଶ୍ୱର(ନିପ୍ର): ଜଳେଶ୍ୱରର ଏସ ଡି ପି ଓ ସୁବ୍ରତ କୁମାର ବେହେରା ଙ୍କୁ ଭୁବନେଶ୍ୱର କୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ସୁରେଶ କୁମାର ତ୍ରିପାଠୀ ନୂତନ ଏସ. ଡି.ପି.ଓ ଭାବେ ଜଳେଶ୍ୱରରେ ଯୋଗ ଦେବେ ବୋଲି ଜଣାପଡିଛି । ଏ ସମ୍ପର୍କରେ ଗତ ୨୨ ତାରିଖରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଆଦେଶ ନଂ ୧୮୦୫୦ ମୂଳେ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ଜଳେଶ୍ୱରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ନୂତନ ଏସଡିପିଓ ଶ୍ରୀ ତ୍ରିପାଠୀ ପରିସ୍ଥିତି ରେ ସୁଧାର ଆଣିବେ ବୋଲି ଜଳେଶ୍ୱର ବାସୀ ଆଶା ରଖିଛନ୍ତି । ବିଶେଷ କରି ଜୋର ଜବରଦସ୍ତ ବେଆଇନ ବାଲି ଚୋରାଚକୁ ବିରୋଧ କରିବାରୁ ସମାଜ ସେବୀ ହରିପଦ ମାନ୍ନା ଙ୍କୁ ମରଣାନ୍ତକ ଆକ୍ରମଣ, ୫୭ନଂ ରାଜ୍ୟ ରାଜପଥ ଓ ୬୦ ନଂ ଜାତୀୟ ରାଜପଥରେ ସଙ୍ଘବଦ୍ଧ ଭାବେ ଗାଡ଼ିରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ, ସଙ୍ଗବଦ୍ଧ ଆକ୍ରମଣରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବାରେ ପୋଲିସର ନୀରବତା ସମ୍ପର୍କରେ ଦୃଷ୍ଟି ଦେବେ ବୋଲି ଜଳେଶ୍ୱର ବାସୀ ଆଶା କରିଛନ୍ତି ।

## ଦୁଇ ବର୍ଷ ପରେ ଫୁଟ ଓଭରବ୍ରିଜ୍ ଗାର୍ଡ଼ର ଉଠିଲା



ସୋର(ନିପ୍ର): ଦକ୍ଷିଣ-ପୂର୍ବ ରେଳପଥ ଖଡ଼ଗପୁର ସୋର ରେଳ ଷ୍ଟେସନରେ ଦ୍ୱିତୀୟ ଫୁଟ ଓଭର ବ୍ରିଜ୍‌ଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଦୀର୍ଘ ଦିନ ହେଲା ପଡ଼ି ରହିଥିବା ବେଳେ ଆଜି ଏହି ବ୍ରିଜ୍ ?ର ୩-୪ ଓ ୪-୫ ନମ୍ବର ପ୍ଲାଟଫର୍ମ ପାଇଁ ବ୍ରିଜ୍ ଗାର୍ଡ଼ର ଉପରକୁ ଉଠିଯିବା ପରେ ଏହା ତୁରନ୍ତ ପୂର୍ଣ୍ଣାଙ୍ଗ ହେବାର ସମ୍ଭବନା ସୃଷ୍ଟି ହୋଇଛି । ବହୁ ସଂଖ୍ୟାରେ ଯାତ୍ରୀ ସମାଗମ ସୋର ରେଳ ଷ୍ଟେସନରେ ବ୍ରିଟିସ୍ ସମୟରୁ ନିର୍ମିତ ହୋଇଥିବା ଗୋଟିଏ ଫୁଟ ଓଭର ବ୍ରିଜ୍‌ରେ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ମାନେ ଯିବା ପାଇଁ ଘୋର ଅସୁବିଧା ଭୋଗ କରୁଥିବାବେଳେ ନୂଆକରି ତୃତୀୟ ଲାଇନ୍ ସମ୍ପୂର୍ଣ୍ଣ ହେବା ପରେ ପାଂଚ ନମ୍ବର ପଟୁ ଯାତ୍ରୀମାନେ ଷ୍ଟେସନକୁ ଆସି ପାରୁ ନଥିଲେ । ଏଥିପାଇଁ ଏକ ଲିଫ୍ଟ ସହିତ ଫୁଟ ଓଭରବ୍ରିଜ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇଆସୁଥିଲା । ଗତ ୨୦୨୩ ମସିହାରୁ ରେଳ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୦୧.୦୧.୨୦୨୪ରୁ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା । ମାତ୍ର ଏହି ବ୍ରିଜ ପୂର୍ଣ୍ଣାଙ୍ଗ ପାଇଁ ଗାର୍ଡ଼ ଉଠିବାରେ ସମସ୍ୟା ସୃଷ୍ଟି ହେବା ସହିତ କାର୍ଯ୍ୟରେ ଅହେତୁକ ବିଳମ୍ବ ଦେଖାଦେଇଥିଲା । ଏ ସଂପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଆଜି ୨ ବର୍ଷ ପରେ ଏହି ଗାର୍ଡ଼ର ଦୁଇଟି ଉପରକୁ ଉଠିଯିବା ପରେ କାର୍ଯ୍ୟ ତୁରନ୍ତ ଶେଷ ହେବବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି । ଫଳରେ ପୂର୍ବପାଶ୍ୱର୍ ୫ ନମ୍ବର ପ୍ଲାଟଫର୍ମକୁ ଯାତ୍ରୀମାନେ ଯିବା ଆସିବା କରିବା ସୁବିଧା ହୋଇ ପାରିବ ।

## ଜାମତକୁଲାରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ



ବାଲିଆପାଳ(ନିପ୍ର): ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଆହ୍ୱାନ କ୍ରମେ ରବିବାର ୨୪ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧିନସ୍ଥ ଡଗରା ପଂଚାୟତ ଜାମତକୁଲା ଗ୍ରାମରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇ ଥିଲା । ବସ୍ତା ବିଧାୟିକା ଶ୍ରୀମତୀ ଜେନା ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ରେ କହିଥିଲେ ରକ୍ତ ଦାନ ମହାପୁଣ୍ୟ । ଗୋଟିଏ ରକ୍ତ ବିନ୍ଦୁ ଅନ୍ୟ କାହାର ଜୀବନ ବଂଚାଇ ଦେବ । ତେଣୁ ଏହି ଭଳି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଯୁବକ ମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ଏହି ଶିବିର ରେ ୨୪ ନମ୍ବର ଜିଲ୍ଲା ପରିଷଦ ଜୋନର ୬ ପଂଚାୟତ ଯଥା ଡଗରା, ନୂଆଗାଁ, ଚୌମୁଖ, ବେତଗଡ଼ିଆ, ଅଳାଡିହା, ବଡାସ ପ୍ରଭୃତି ଗ୍ରାମ ପଂଚାୟତରୁ ବହୁ ଯୁବକମାନେ ଏହି ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ । ଯୁବ ନେତା ସୁଶାନ୍ତ ବେହେରା, ଦୀପକ ବିଶ୍ୱାଳ, ରାଧାକାନ୍ତ ଜେନା, ହୃଷିକେଶ ଧଳ, ପ୍ରତାପ ରଂଜିତ,ସ୍ୱରୂପ ଦାସ, ସୌଭାଗ୍ୟ ଜେନା, ରଞ୍ଜନ ମଣ୍ଡଳ, ଦୀପକ ଜେନା, ବୁଲୁ ଦତ, ବିପିନ ସାମନ୍ତରାୟ, ପାର୍ଥ ଦାସ, ବିଶ୍ୱନାଥ ଦେ, ସୀମାନ୍ତ ବେହେରା, ଯଦୁନନ୍ଦନ ଦାସ, ବିଜୟ ପରିଡା ପ୍ରମଥ ମଣ୍ଡଳ, ପପୁ ରାଉଳ, ନିରଞ୍ଜନ କଅଁର, ଯଶବନ୍ତ ଦାସ ପ୍ରମୁଖ ରକ୍ତଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଡିଭାଇନ ହାୟର ସେକେଣ୍ଡାରୀ ସ୍କୁଲରେ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାରିପଦା(ନିପ୍ର): ବାରିପଦା ସ୍ଥିତ ଡିଭାଇନ ହାୟର ସେକେଣ୍ଡାରୀ ସ୍କୁଲ ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ହୋଇଥିବା +୨ ବିଜ୍ଞାନ ପରୀକ୍ଷାରେ ସମସ୍ତ ଛାତ୍ର-ଛାତ୍ରୀ ବେଶ ସଫଳତାର ସହିତ ଉତୀର୍ଣ ହୋଇଛନ୍ତି । ପ୍ରଥମ ବ୍ୟାଚରେ ୪୨ ଛାତ୍ର-ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ବେଶ କୃତିତ୍ୱର ସହ ଉତୀର୍ଣ୍ଣ ହୋଇଛନ୍ତି. ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରୁ ୯୦%ରୁ ଅଧିକ ନମ୍ବର ରଖିଥିବା ୧୫ ଛାତ୍ର-ଛାତ୍ରୀ ମାନଙ୍କ ମଧ୍ୟରୁ ଆକାଶ ପ୍ରଧାନ ୯୬.୩୩%, ଶୁଭମ ସ୍ୱସ୍ତିକ କର ୯୫.୫୦%, ମୋହିତ କୁମାର ହେମ୍ବ୍ରମ ୯୩.୫୦%, ସୋନାଲୀ ବେହେରା ୯୩.୩୩%, ଗଜେନ୍ଦ୍ର ସିଂ ୯୩.୧୭%, ନିଳିଶା ଜେନା ୯୩%, ସୁନୟନା ପାତ୍ର ୯୨.୮୩%, ଜସ୍ମିତ ମହାନ୍ତ ୯୨.୬୭%, ଲକ୍ଷ୍ମୀପ୍ରିୟା ରଣା ୯୨.୫୦%, ଚନ୍ଦନ ମହାନ୍ତ ୯୨%, ପ୍ରଣବ କୁମାର ସ ୯୧.୬୧%, ତନ୍ମୟରଣା ୯୧.୩୩%, ଗଣେଶ ଚନ୍ଦ୍ର ମହାନ୍ତ ୯୦.୮୩%, ରମ୍ୟ ରଞ୍ଜନ ପାତ୍ର ୯୦.୫୦% ଏବଂ ଜିଜ୍ଞାଶୁ ଦଳେଇ ୯୦% ନମ୍ବର ରଖି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ଛାତ୍ର ଛାତ୍ରୀ ମାନଙ୍କ ଉଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ଡିଭାଇନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ପୂର୍ଣଚନ୍ଦ୍ର ବୁଗୁଡେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନିର୍ଦ୍ଦେଶକ ଙ୍କ ବିପ୍ଳବ ଭଞ୍ଜନ ବୁଗୁଡେଇ ଛାତ୍ର-ଛାତ୍ରୀଙ୍କର ଏହି ସଫଳତାରେ ନିଜର ଖୁସି ବ୍ୟକ୍ତ କରିବା ସହ ସେମାନଙ୍କର ସମୁଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନର ଅଧକ୍ଷ ପ୍ରଫେସର ଦିବ୍ୟଶଙ୍କର ପାଲ ଛାତ୍ର-ଛାତ୍ରୀଙ୍କର କଠିନ ପରିଶ୍ରମ ଦ୍ୱାରା ପାଇଥିବା କୃତିତ୍ୱକୁ ପ୍ରଶଂସା କରିବା ସହ ସେମାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅଭିଭାବକ ଓ ଅଭିଭାବିକା ମାନେ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ମାନଙ୍କର ଉଚ୍ଚମାନର ପ୍ରୟୋଗାତ୍ମକ ତଥା ଅତ୍ୟାଧୁନିକ ଶିକ୍ଷାଦାନର ପ୍ରଣାଳୀକୁ ଉଚ୍ଚ ପ୍ରଶଂସା କରିଥିଲେ । ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଛାତ୍ର-ଛାତ୍ରୀଙ୍କୁ ନିର୍ଦ୍ଦେଶକ ତଥା ଅଧକ୍ଷ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସହ ଆସିଥିବା ଅଭିଭାବକ ତଥା ଅଭିଭାବିକା ମାନଙ୍କୁ ମଧ ବିଶେଷ ଭାବେ ସମ୍ମାନିତ କରଯାଇଥିଲା ।

## ଘର ଆଗରୁ ମହିଳାଙ୍କ ବେକରୁ ସୁନା ଚେନ ଲୁଟ୍

ସୋର(ନିପ୍ର): ସୋରରେ ଦିନକୁ ଦିନ ଚୋରି ଡକାୟତି ଲୁଟ ବଢ଼ି ଚାଲିଥିବା ବେଳେ ଜଣେ ବ୍ୟକ୍ତିଙ୍କ ଘର ଆଗରେ ଗଛରେ ପାଣିଦେଉଥିବା ବେଳେ ବେକରୁ ସୁନା ଚେନ୍ ଦୁର୍ବୃତମାନେ ଲୁଟି ନେଇଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁସାରେ ସୋର ପୌରାଂଚଳ ୨ନମ୍ବର ୱାର୍ଡ କମରପୁରର ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପୁହାଣଙ୍କ ସ୍ତ୍ରୀ ଗାୟତ୍ରୀ ପୁହାଣ ଆଜି ସକାଳେ ଘର ସାମ୍ନାରେ ଫୁଲ ଗଛରେ ପାଣି ଦେଉଥିବା ବେଳେ ଦୁଇଜଣ ଦୁର୍ବୃତ ଏକ କଳାରଙ୍ଗର ପଲସରରେ ଆସି କଥା ହେବା ବାହାନାରେ ତାଙ୍କ ପାଖକୁ ଆସି ବେକରେ ପିନ୍ଧିଥିବା ୧୪ ଗ୍ରାମର ସୁନାଚେନଟିକୁ ଝାମ୍ପିନେଇ ବାଇକ୍ ଷ୍ଟାଟକରି ପଳାଇଥିଲେ । ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।





ଅଧୈର୍ଯ୍ୟ ହେଲେ କୌଣସି ସମସ୍ୟାର ସମାଧାନ ହୋଇ ନଥାଏ ବୋଲି ଜାଣି ରଖନ୍ତୁ, ବରଂ ପରିସ୍ଥିତି ଅଧିକ ଜଟିଳ ହୁଏ ।

# ଆଜିକାଲି



ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ
ଅହଂକାର ବିମୂଢ଼ାତ୍ମା କର୍ତାହମିତି ମନ୍ୟତେ
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ : ସମସ୍ତ କର୍ମ ପ୍ରକୃତିର ଗୁଣମାନଙ୍କ ଦ୍ୱାରା କରାଯାଉଥାଏ । ତଥାପି ଯାହାର ଅନ୍ତଃକରଣ ଅହଂକାରରେ ମୋହିତ ହୋଇ ରହିଥାଏ ସେହି ଅଜ୍ଞାନ 'ମୁଁ ହିଁ କର୍ତା' ବୋଲି ମନେ କରେ ।

## ମାତୃ ମୃତ୍ୟୁ ନେଇ ସଚେତନତା

ଦେଶରେ ୨୦୦୦ରୁ ୨୦୨୩ ମାତୃ ମୃତ୍ୟୁ ହାର ଟ୍ରେଣ୍ଡ ନେଇ ଜାତିସଂଘ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ ମସିହାରେ ଭାରତରେ କେବଳ ୧୯,୦୦୦ ମାତୃ ମୃତ୍ୟୁ ଘଟିଥିଲା, ଯାହାକି ଆନ୍ତର୍ଜାତିକ ମୃତ୍ୟୁ ହାରର ୭.୨ ପ୍ରତିଶତ । ସେହିପରି ମାତୃ ମୃତ୍ୟୁ କ୍ଷେତ୍ରରେ ନାଇଜେରିଆ ପ୍ରଥମ ସ୍ଥାନରେ ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଥିଲା । ଏହା କେବଳ ସ୍ୱାସ୍ଥ୍ୟ ପ୍ରସଙ୍ଗ ନୁହେଁ ମାତୃ ସୁରକ୍ଷା କ୍ଷେତ୍ରରେ ଭାରତରେ ବ୍ୟବସ୍ଥାଗତ ବିଫଳତାକୁ ଦର୍ଶାଉଛି ବୋଲି କୁହାଯାଇପାରେ । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ମାତୃ ମୃତ୍ୟୁ ହାର (ଏମଏମଆର) ହ୍ରାସ କରିବାରେ ଭାରତ ଅଦଭୂତପୂର୍ବ ସଫଳତା ହାସଲ କରିଛି । ଯାହାକି ୨୦୦୦ରେ ପ୍ରତି ୧,୦୦,୦୦୦ ପ୍ରସବରେ ମାତୃମୃତ୍ୟୁ ୩୮୪ ଥିବାବେଳେ ୨୦୦୩ରେ ତାହା ମାତ୍ର ୨୦୩କୁ ହ୍ରାସ ପାଇଛି । କେରଳ, ତାମିଲନାଡୁ ଭଳି ରାଜ୍ୟରେ ମାତୃ ମୃତ୍ୟୁ ହାର ଏକକ ସଂଖ୍ୟାକୁ ହ୍ରାସ ପାଇଥିବାବେଳେ ଉତରପ୍ରଦେଶ, ବିହାର ପରି ରାଜ୍ୟରେ ଏବେ ଗମ୍ଭୀର ପର୍ଯ୍ୟାୟରେ ରହିଛି । ଏହି ତଥ୍ୟ ଆଂଚଳିକ ସ୍ତରରେ ନୀତି ନିର୍ଦ୍ଧାରଣରେ ଥିବା ପାର୍ଥକ୍ୟକୁ ପ୍ରତିପାଦନ କରୁଛି । କହିବା ବାହୁଲ୍ୟ ଯେ, ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ବା ଜାତୀୟ ପରିବାର ନିୟୋଜନ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ସଫଳତାର ସହ କାର୍ଯ୍ୟକାରୀ କରିବାରେ ଉଭୟ କେରଳ ଓ ତାମିଲନାଡୁ ତାଲିକାର ସର୍ବାଗ୍ରେ ରହିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନାଇଜେରିଆ ସହ ଭାରତର ତୁଳନାକୁ ଦୃଢ଼ ଭାବେ ଅଗ୍ରାହ୍ୟ କରିଛି, ଯାହାକି ଯଥାର୍ଥତା ବହନ କରେ । ଯାହାର କାରଣ ସ୍ୱରୂପ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେଶର ଜନସଂଖ୍ୟାକୁ ଦର୍ଶାଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଭାରତ ଏବେ ବିଶ୍ୱର ସର୍ବବୃହତ ଜନବହୁଳ ରାଷ୍ଟ୍ର ଭାବେ ଚୀନକୁ ଦ୍ୱିତୀୟ ସ୍ଥାନକୁ ଠେଲି ଦେଇ ପ୍ରଥମ ସ୍ଥାନ ଅଧିକାର କରିଛି । ଜନସଂଖ୍ୟା ଦୃଷ୍ଟିରୁ ଭାରତରେ ମାତୃମୃତ୍ୟୁ ହାର ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ଅଧିକ ରହିବା ସ୍ୱାଭାବିକ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦର୍ଶାଇଛି । ଏବେ ବି ଦେଶରେ ପରିବାରଗୁଡ଼ିକ ଦୈନିକ ୫୨ଜଣ ନବ ପ୍ରସବା ମହିଳାଙ୍କର ମୃତ୍ୟୁ ଘଟୁଥିବା ସାଂପ୍ରତିକ ଆକଳନ ସୂଚନା ଦେଇଛି । ଏହା ନିଦେହ ଯେ, ଏହି ସମସ୍ୟା କେବଳ ସ୍ୱାସ୍ଥ୍ୟଯନ୍ତ୍ର ଭିତିଭୂମି ଉପରେ ନୁହେଁ, ସାମାଜିକ ଆବଶ୍ୟକତା ତଥା ପୁଷ୍ଟିକର ଖାଦ୍ୟ, ଶିକ୍ଷା, ବାଲ୍ୟ ବିବାହ ଏବଂ ଗର୍ଭବତୀ ସମୟରେ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଅଭାବ ଯୋଗୁଁ ଘଟୁଛି । ଦେଶରେ ବାଲ୍ୟ ବିବାହ ପରି କୁସଂସ୍କାର ଏବେ ଚିନ୍ତାଜନକ ସ୍ଥିତିରେ ରହିଛି । ସେହିପରି ଗର୍ଭବତୀ ଅବସ୍ଥାରେ କୁପୋଷଣ ବା ପୁଷ୍ଟିର ଅଭାବ ଗୁରୁତର ସମସ୍ୟା ସୃଷ୍ଟି କରିଛି । ଏହା ସତ୍ୟ ଯେ, ଦେଶରେ ମାତୃ ଓ ଶିଶୁ ସୁରକ୍ଷା ପାଇଁ ସରକାର କେନ୍ଦ୍ର ଓ ରାଜ୍ୟ ସ୍ତରରେ ସରକାର ବହୁବିଧ ଯୋଜନା ତଥା ଜନନୀ ସୁରକ୍ଷା ଯୋଜନା, ଶକ୍ତି ମାତୃତ୍ୱ ଆଶ୍ୱାସନା (ଏସୟୁଏମଏନଏ), ବେଟି ବଂଚାଓ, ବେଟି ପଢାଓ, ମମତା, ଆଦି ଯୋଜନା କାର୍ଯ୍ୟକାରୀ କରୁଥିଲେ, ତାହା ସଫଳ ହୋଇ ପାରିନାହିଁ । ବିଶେଷ କରି ଦୁର୍ଗମ ଅଂଚଳରେ ଏହି ଯୋଜନାଗୁଡ଼ିକ ସାତ ସପନ ହୋଇଛି । ଏଥିଲାଗି କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ଜରୁରୀ । ସେହିପରି ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା, ଦୁର୍ଗମ ଅଂଚଳରେ ସେବା ବିଭିନ୍ନ ଜନନୀ ସୁରକ୍ଷା ଯୋଜନାକୁ ପହଁଚାଇବା, ଯୋଜନାକୁ କାର୍ଯ୍ୟକାରୀ କରୁଥିବା କ୍ଷେତ୍ରୀୟ ଅଧିକାରୀମାନଙ୍କୁ ଉତରଦାୟୀ କରିବା ଏବଂ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ସମ୍ପ୍ରଦାୟକୁ ଯୋଜନାରେ ସାମିଲ କରିବା ପାଇଁ ସଚେତନତା କରିବା ଆବଶ୍ୟକତା ରହିଛି, ଯାହାକି ମାତୃ ମୃତ୍ୟୁକୁ ରୋକିପାରିବ । ଏଥିପାଇଁ ରାଜନୈତିକ ଇଚ୍ଛାଶକ୍ତି ଏବଂ ସମନ୍ୱୟଭିତିକ କ୍ରୀୟାନୁଷ୍ଠାନର ଆବଶ୍ୟକତା ରହିଛି । କୌଣସି ମହିଳାଙ୍କୁ ମୃତ୍ୟୁବରଣ କରିବାକୁ ଦିଆଯିବା ଆଦୌ ଉଚିତ ନୁହେଁ, ଯେତେବେଳେ ସେ ନୂତନ ଜୀବଦାନ ଦେଇଥାନ୍ତି, ଏହା ହିଁ ସରକାରଙ୍କ ନିଶାଣ ହେବା ସାଂପ୍ରତିକ ସମୟର ଜରୁରୀ ଆବଶ୍ୟକତା

## ଚେତନା ଜାଗ୍ରତ କରେ ଆଧ୍ୟାତ୍ମିକତା

◆ ତପସ୍ୱିନୀ ପଟ୍ଟନାୟକ



ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ । କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ଈର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତା ଦେଇଥାଏ । ଜାଗ୍ରତ ହୋଇପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ ।

*ଅଧକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ*

## ଏବୋଲା ମହାମାରୀ : ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଙ୍କଟ ଏବଂ ପ୍ରସ୍ତୁତିର ଆବଶ୍ୟକତା



◆ ସୌଭାଗ୍ୟ ରଂଜନ ମହାନ୍ତି (ରାଜା)

ଏବୋଲା ଭୂତାଣୁ ଜନିତ ରୋଗ ... ସାମ୍ପ୍ରତିକ ବିଶ୍ୱରେ ସବୁଠାରୁ ଭୟଙ୍କର ଏବଂ ସଂହାରକ ସ୍ୱାସ୍ଥ୍ୟ ସଙ୍କଟ ମଧ୍ୟରୁ ଏକ ଅଟେ ଯାହା ମାନବ ସମାଜ ପ୍ରତି ସଦାସର୍ବଦା ଏକ ବଡ ଆହ୍ୱାନ ସୃଷ୍ଟି କରିଆସିଛି । ଏହି ମାରାତ୍ମକ ରୋଗ ପ୍ରଥମେ ୧୯୭୬ ମସିହାରେ ଗଣତାନ୍ତ୍ରୀକ କଙ୍ଗୋ ପ୍ରଜାତନ୍ତ୍ରର ଏବୋଲା ନଦୀ ନିକଟବର୍ତୀ ଏକ ଗ୍ରାମରେ ଚିହ୍ନଟ ହୋଇଥିଲା ଏବଂ ସେହି ଦିନଠାରୁ ଏହାର ଭୟବହତା ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି । ଏବୋଲା ଏକ ଏଭଳି ରୋଗ ଯାହା ସଂକ୍ରମିତ ପଶୁ, ବିଶେଷ କରି ବାଦୁଡ଼ି କିମ୍ବା ମାଙ୍କଡଙ୍କ ଶରୀରରୁ ମଣିଷ ଶରୀରକୁ ବ୍ୟାପିଥାଏ ଏବଂ ପରବର୍ତୀ ସମୟରେ ଏହା ମାନବରୁ ମାନ ମଧ୍ୟରେ ଅତି ଦ୍ରୁତ ଗତିରେ ସଂକ୍ରମିତ ହୋଇ ମହାମାରୀର ରୂପ ଧାରଣ କରିଥାଏ । ସଂକ୍ରମିତ ବ୍ୟକ୍ତିର ରକ୍ତ, ଲାଳ, ଝାଳ କିମ୍ବା ଅନ୍ୟାନ୍ୟ ଶାରୀରିକ ତରଳ ପଦାର୍ଥର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ଭୂତାଣୁ ଜଣକଠାରୁ ଅନ୍ୟଜଣକୁ ବ୍ୟାପିଥାଏ, ଯାହାଫଳରେ ଏହାର ପ୍ରତିରୋଧ କରିବା ଅତ୍ୟନ୍ତ ଜଟିଳ ହୋଇପଡେ । ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ମଧ୍ୟରେ ହଠାତ ପ୍ରବଳ ଜ୍ୱର ହେବା, ଶରୀର ଅତ୍ୟଧିକ ଦୁର୍ବଳ ଲାଗିବା, ମାଂସପେଶୀରେ ଯନ୍ତ୍ରଣା ହେବା, ମୁଣ୍ଡବିନ୍ଧା ଏବଂ ଗଳା ବସିଯିବା ଆଦି ଅନ୍ତର୍ଭୁକ୍ତ, ଯାହା ପ୍ରଥମେ ସାଧାରଣ ମ୍ୟାଲେରିଆ କିମ୍ବା ଟାଇଫଏଡ୍ ଭଳି ପ୍ରତୀତ ହୋଇଥାଏ, କିନ୍ତୁ ସମୟ ଗଡ଼ିବା ସହିତ ଏହା ଅତି ଭୟଙ୍କର ରୂପ ନେଇ ବାନ୍ତି, ଝାଡା, ଚର୍ମରେ ଦାଗ ଦେଖାଯିବା ଏବଂ ଶେଷରେ ଶରୀରର ଆଭ୍ୟନ୍ତରୀଣ ତଥା ବାହ୍ୟ ଅଙ୍ଗରୁ ରକ୍ତସ୍ରାବ ହେବା ଭଳି ସ୍ଥିତି ସୃଷ୍ଟି କରିଥାଏ । ଏହି ରୋଗର ମୃତ୍ୟୁ ହାର ପ୍ରାୟ ୫୦% ରୁ ୯୦% ପର୍ଯ୍ୟନ୍ତ ରହିଥାଏ, ଯାହା ଏହାକୁ ପୃଥିବୀର ସବୁଠାରୁ ପ୍ରାଣଘାତୀ ରୋଗ ମଧ୍ୟରୁ ଏକ ଭାବେ ପ୍ରତିଷ୍ଠିତ କରିଛି । ୨୦୧୪-୨୦୧୬ ମସିହା ମଧ୍ୟରେ ପଶ୍ଚିମ ଆଫ୍ରିକୀୟ ଦେଶ ଯଥା ଗିନି, ଲାଇବେରିଆ ଏବଂ ସିଏରା ଲିଓନରେ ଦେଖାଦେଇଥିବା ଏବୋଲା ମହାମାରୀ ଇତିହାସର ସବୁଠାରୁ ବଡ ଏବଂ ଜଟିଳ ପ୍ରକୋପ ଥିଲା, ଯେଉଁଥିରେ ହଜାର ହଜାର ଲୋକ ପ୍ରାଣ ହରାଇଥିଲେ ଏବଂ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)କୁ ସାର୍ବଜନୀନ ସ୍ୱସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବାକୁ ବାଧ କରିଥିଲା । ଏହି ମହାମାରୀ କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଭାଙ୍ଗି ଦେଇନଥିଲା, ବରଂ ପ୍ରଭାବିତ ଦେଶଗୁଡ଼ିକର ଅର୍ଥନୀତି, ସାମାଜିକ ଗଠନ ଏବଂ ମାନବ




ସମ୍ବଳକୁ ସମ୍ପୂର୍ଣ୍ଣ ରୂପେ ବିପର୍ଯ୍ୟାୟ କରିଦେଇଥିଲା । ଏବୋଲାର ମୁକାବିଲା କରିବାରେ ସବୁଠାରୁ ବଡ ପ୍ରତିବନ୍ଧକ ହେଉଛି ସଚେତନତାର ଅଭାବ ଏବଂ ସ୍ଥାନୀୟ ଅଂଚଳରେ ପ୍ରଚଳିତ କେତେକ ପାରମ୍ପରିକ ପ୍ରଥା, ଯେପରିକି ମୃତଦେହକୁ ସ୍ପର୍ଶ କରି ଶେଷକୃତ୍ୟ ସମ୍ପାଦନ କରିବା, ଯାହା ସଂକ୍ରମଣକୁ ଆହୁରି ବଢାଇବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ସ୍ୱାସ୍ଥ୍ୟକର୍ମୀମାନେ ଯେଉଁମାନେ ରୋଗୀଙ୍କ ସେବାରେ ନିୟୋଜିତ ଥାଆନ୍ତି, ସେମାନେ ଉପଯୁକ୍ତ ସୁରକ୍ଷାତ୍ମକ ପୋଷାକ (PPE) ଅଭାବରୁ ଅତି ସହଜରେ ଏହି ଭୂତାଣୁର ଶିକାର ହୋଇଥାନ୍ତି, ଯାହା ଚିକିତ୍ସା ବ୍ୟବସ୍ଥାକୁ ଅଧିକ ଦୁର୍ବଳ କରିଦିଏ । ବିଜ୍ଞାନ ଏବଂ ଚକିତ୍ସା କ୍ଷେତ୍ରରେ ଅଗ୍ରଗତି ଯୋଗୁଁ ବର୍ତମାନ ଏବୋଲା ପାଇଁ କେତେକ ପ୍ରଭାବଶାଳୀ ଟିକା ଯଥା ଵ୍ରଠଝଠ-ତରଈଓଠ ବିକଶିତ କରାଯାଇଛି, ଯାହା ସଂକ୍ରମଣକୁ ରୋକିବାରେ ଏକ ବଡ ସଫଳତା ସଦୃଶ ହୋଇଛି, କିନ୍ତୁ ଏହାର ସାର୍ବଜନୀନ ଉପଲବ୍ଧତା ଏବଂ ଦୁର୍ଗମ ଅଂଚଳରେ ପହଂଚାଇବା ଏବେ ବି ଏକ ବଡ ଆହ୍ୱାନ । ବିଶ୍ୱର ଯେକୌଣସି ପ୍ରାନ୍ତରେ ଏବୋଲା ଭଳି ରୋଗର ଆଭିର୍ଭାବ ସମଗ୍ର ପୃଥିବୀ ପାଇଁ ଏକ ବିପଦ, କାରଣ ଆଜିର ବିଶ୍ୱାୟନ ଯୁଗରେ ଆନ୍ତର୍ଜାତୀୟ ଯାତ୍ରା ଏବଂ ବାଣିଜ୍ୟ ଯୋଗୁଁ ଗୋଟିଏ ସ୍ଥାନର ଭୂତାଣୁ ଅତି ସହଜରେ ଅନ୍ୟ ଏକ ଦେଶରେ ପହଂଚିପାରେ । ତେଣୁ, ଏବୋଲା ମହାମାରୀରୁ ରକ୍ଷା ପାଇବା ପାଇଁ କେବଳ ସାମୟିକ ପଦକ୍ଷେପ ଯଥେଷ୍ଟ ନୁହେଁ, ବରଂ ଏକ ସୁଦୃଢ ଆନ୍ତର୍ଜତୀୟ ସ୍ୱାସ୍ଥ୍ୟ ଭିତିଭୂମି, ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ଏବଂ ଦ୍ରୁତ ପ୍ରତିକ୍ରିୟା ଦଳ ଗଠନ କରିବା ଏକାନ୍ତ ଆବଶ୍ୟକ । ସ୍ଥାନୀୟ ସ୍ତରରେ ଗୋଷ୍ଠୀ ସଚେତନତା ବୃଦ୍ଧି କରିବା, ପରିଷ୍କାର ପରିଚ୍ଛନ୍ନତା ରକ୍ଷା କରିବା, ବନ୍ୟଜନ୍ତୁଙ୍କ ମାଂସ ବ୍ୟବହାରରୁ ଦୂରେଇ ରହିବା ଏବଂ ସନ୍ଦଗ୍ଧ ରୋଗୀଙ୍କୁ ସଙ୍ଗରୋଧ (quarantine) ରେ ରଖି ଚିକିତ୍ସା କରିବା ଦ୍ୱାରା ହିଁ ଏହି ଭୂତାଣୁର ପ୍ରସାରକୁ ସୀମିତ କରାଯାଇପାରିବ । ବିଶ୍ୱର ସମସ୍ତ ସରକାର, ବୈଜ୍ଞାନିକ ଏବଂ ସ୍ୱାସ୍ଥ୍ୟ ସଂଗଠନଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସୂଚନା ଆଦାନପ୍ରଦାନର ଅଭିବୃଦ୍ଧି ହିଁ ଭବିଷ୍ୟରେ ଏବୋଲା ଭଳି ଯେକୌଣସି ଜୈବିକ ସଙ୍କଟରୁ ସମଗ୍ର ମାନବ ଜାତିକୁ ସୁରକ୍ଷିତ ରଖିପାରିବ । ସେଥିପାଇଁ ବିଶ୍ୱ ସମୁଦାୟକୁ ସଦାସର୍ବଦା ସତର୍କ, ପ୍ରସ୍ତୁତ ଏବଂ ସହଯୋଗୀ ମନୋଭାବପନ୍ନ ହୋଇ ରହିବାକୁ ହେବ, ଯଦ୍ୱାରା ଏହି ମାରାତ୍ମକ ଭୂତାଣୁକୁ ବିଶ୍ୱ ମାନଚିତ୍ରରୁ ସମ୍ପୂର୍ଣ୍ଣ ରୂପେ ନିଶ୍ଚିହ୍ନ କରାଯାଇପାରିବ ଏବଂ ଏକ ସୁସ୍ଥ ତଥା ସୁରକ୍ଷିତ ସମାଜ ଗଠନ ସମ୍ଭବ ହୋଇପାରିବ । ଏବୋଲା ମହାମାରୀ ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଏହାର ପ୍ରତିରୋଧ ପାଇଁ ଜନସାଧାରଣଙ୍କୁ ଶିକ୍ଷିତ କରିବା ବର୍ତମାନ ସମୟର ଏକ ପ୍ରମୁଖ ଆବଶ୍ୟକତା ଅଟେ କାରଣ ଏହି ସଂକ୍ରାମକ ରୋଗ କେବଳ ବ୍ୟକ୍ତିବିଶେଷଙ୍କ ସ୍ୱାସ୍ଥ୍ୟହାନି କରିନଥାଏ ବରଂ ସମଗ୍ର ସାମାଜିକ ଏବଂ ଅର୍ଥନୈତିକ ସ୍ଥିରତାକୁ ଛାରଖାର କରିଦିଏ । ଏବୋଲା ହେଉଛି ଏକ ପ୍ରାଣଗାତୀ ଭୂତାଣୁ ଯାହା ସଂକ୍ରମିତ ପଶୁ ଯେପରିକି ବାଦୁଡ଼ି ଓ ମାଙ୍କଡଙ୍କଠାରୁ ମଣିଷ ଶରୀରକୁ ଆସିଥାଏ ଏବଂ ପରବର୍ତୀ ସମୟରେ ରୋଗୀର ରକ୍ତ, ଲାଳ, ଝାଳ କିମ୍ବା ଅନ୍ୟାନ୍ୟ ଶାରୀରିକ ତରଳ ପଦାର୍ଥର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ଦ୍ୱାରା ଅତି ଦ୍ରୁତ ଗତିରେ ଜଣକଠାରୁ ଅନ୍ୟଜଣକୁ ବ୍ୟାପିଥାଏ । ଏହି ରୋଗର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ସାଧାରଣ ଜ୍ୱର, ମୁଣ୍ଡବିନ୍ଧା, ଗଳା ବସିଯିବା ଏବଂ ପ୍ରବଳ ମାଂସପେଶୀ ଯନ୍ତ୍ରଣା ଭାବେ ପ୍ରକାଶ ପାଇଥାଏ, ଯାହା ପରବର୍ତୀ ସମୟରେ ସାଂଘାତିକ ରୂପ ନେଇ ବାନ୍ତି, ଝାଡା ଏବଂ ଶରୀରର ଆଭ୍ୟନ୍ତରୀଣ ତଥା ବାହ୍ୟ ଅଙ୍ଗରୁ ଅନିୟନ୍ତ୍ରିତ ରକ୍ତସ୍ରାବ ସୃଷ୍ଟି କରିଥାଏ । ଏହି ରୋଗର ମୃତ୍ୟୁ ହାର ଅତ୍ୟଧିକ ଅଧିକ ହୋଇଥିବାରୁ ଏହାର ପ୍ରତିରୋଧ ପାଇଁ ପ୍ରାଥମିକ ସ୍ତରରୁ ସଠିକ୍ ସୂଚନା ପ୍ରଦାନ କରିବା ହିଁ ଏକମାତ୍ର ଶ୍ରେଷ୍ଠ ଉପାୟ ଅଟେ । ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ ସର୍ବପ୍ରଥମେ ବନ୍ୟଜନ୍ତୁଙ୍କ ମାଂସ ବ୍ୟବହାର ନକରିବା ଏବଂ ଜଙ୍ଗଲୀ ପ୍ରାଣୀଙ୍କଠାରୁ ନିରାପଦ ଦୂରତା ରକ୍ଷା କରିବା ପାଇଁ ଶିକ୍ଷିତ କରିବାକୁ ହେବ । ଏହା ସହିତ ନିୟମିତ ବ୍ୟବଧାନରେ ସାବୁନ ଓ ସ୍ୱଚ୍ଛ ଜଳରେ ହାତ ଧୋଇବା, ସାନିଟାଇଜର ବ୍ୟବହାର କରିବା ଏବଂ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ । ସମାଜରେ ଯଦି କୌଣସି ବ୍ୟକ୍ତିଙ୍କଠାରୁ ଏବୋଲାର ସନ୍ଦିଗ୍ଧ ଲକ୍ଷଣ ଦେଖାଯାଏ, ତେବେ ଗୁଜବ ସୃଷ୍ଟି ନକରି ତୁରନ୍ତ ତାଙ୍କୁ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ ବା ସଙ୍ଗରୋଧରେ ରଖିବା ସହ ସ୍ୱାସ୍ଥ୍ୟ ବିଭାଗକୁ ସୂଚିତ କରିବା ଆବଶ୍ୟକ । ରୋଗୀଙ୍କ ଚିକିତ୍ସାରେ ନିୟୋଜିତ ସ୍ୱାସ୍ଥ୍ୟକର୍ମୀମାନେ ସମ୍ପୂର୍ଣ୍ଣ ସୁରକ୍ଷାତ୍ମକ ପୋଷାକ ଓ ସଠିକ ସ୍ୱାସ୍ଥ୍ୟ ଉପକରଣ ବ୍ୟବହାର କରିବା ଉଚିତ, ଯଦ୍ୱାରା ଚିକିତ୍ସାଳୟ ମଧ୍ୟରେ ସଂକ୍ରମଣ ବ୍ୟାପିବାର ସମ୍ଭାବନାକୁ ରୋକାଯାଇପାରିବ । ଏବୋଲାର ଆଉ ଏକ ମୁଖ୍ୟ ବିପଦଜନକ ଦଗ ହେଉଛି ଯେ ସଂକ୍ରମିତ ମୃତଦେହରେ ମଧ୍ୟ ଏହି ଭୂତାଣୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ, ତେଣୁ ପାରମ୍ପରିକ ରୀତିନୀତି ଅନୁସାରେ ମୃତଦେହକୁ ସ୍ପର୍ଶ ନକରି ଚିକିତ୍ସା ବିଶେଷଜ୍ଞଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷିତ ଭାବେ ଶେଷକୃତ୍ୟ ସମ୍ପନ୍ନ କରିବା ପାଇଁ ଗୋଷ୍ଠୀ ସ୍ତରରେ ଲୋକଙ୍କୁ ବୁଝାଇବାକୁ ହେବ । ବର୍ତମାନ ସମୟରେ ଯଦିଓ କେତେକ ପ୍ରଭାବଶାଳୀ ଟିକା ବିକଶିତ ହୋଇଛିଲ ତଥାପି ସାର୍ବଜନୀନ ସ୍ତରରେ ସତର୍କତା, ବିଜ୍ଞାପନ, ସାମାଜିକ ଗଣମାଧ୍ୟମ ଏବଂ ସରକାରୀ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସଠିକ ବୈଜ୍ଞାନିକ ତଥ୍ୟର ପ୍ରସାର କରି ଗୁଜବକୁ ଦୂର କରିବା ହିଁ ଏହି ଭୟଙ୍କର ମହାମାରୀ ବିରୋଧରେ ଲଢେଇ କରିବାର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଅଟେ ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ- ୯୪୩୭୯୯୪୩୭୯*

## ଡିଜିଟାଲ ଅନ୍ୟମନସ୍କତା ଓ ସମ୍ପର୍କର ନିବିଡ଼ତା

◆ ବିକ୍ରମ ମହାପାତ୍ର

ଆମ୍ଭେମାନେ ପ୍ରାୟତଃ ସମ୍ପ୍ରତି ଗୋଟିଏ ବିଚିତ୍ର କିନ୍ତୁ ଏହା ସ୍ୱାଭାବିକର କଥା । କଥାବାର୍ତା ଭିତରେ ଲକ୍ଷ୍ୟ ରଖୁଥିବେ ଆପଣଙ୍କ ସାମ୍ନାରେ ବସିଥିବା ଯଦିଓ ସମସ୍ତେ ନୁହଁନ୍ତ କିଛି ବନ୍ଧୁ ନିଜ ଫୋନରେ ବ୍ୟସ୍ତ ରହିଥିବେ । ସଭାସ୍ଥଳ ହେଉ ବା ଛୋଟ ପିଲାଙ୍କ ସହ କଥାବାର୍ତା । ଜଣେ ଜଣଙ୍କ ସହ ସମ୍ପର୍କ ବିତାଇବା ବେଳେ ଅପର ଜଣଙ୍କ କଥା ବାର୍ତା ହେଉଥିଲେ ମଧ୍ୟ ସେମାନଙ୍କ ହାତ କିନ୍ତୁ ଫୋନ ଉପରେ ରହିଥାଏ । ସେହିପରି ଆଉ ଜଣେ ଜଣେ ଥାଆନ୍ତି ସେମାନେ କୌଣସି କାମରେ ବ୍ୟସ୍ତ ଥିବେ । ସାମାନ୍ୟତମ ଫୁରସତ ପାଇଲା ମାନେ ମୋବାଇଲକୁ ଧରିଥାନ୍ତି । ଏହି ଅତ୍ୟାଧିକ ମୋବାଇଲ ଆସକ୍ତିକୁ ଇଂରାଜୀରେ ଫବିଂ କୁହାଯାଏ ଯାହାର ଅର୍ଥ ହେଉଛି ଅତ୍ୟଧିକ ଭାବେ ସ୍ମାର୍ଟ ଫୋନ ଉପରେ ଆସକ୍ତ ହୋଇ ନିଜ ଦୁର୍ବଳତା ପ୍ରକାଶ କରିବା । ଏହି ଆଲୋଚନାଟି ରଖିଲାବେଳକୁ ଗଣମାଧ୍ୟମର ଏକ ଖବରଟି ମୋ ନଜରକୁ ଆସିଥିଲା ତାହା ହେଉଛି ଦେଶରେ ଇଂଟରଟେ ବ୍ୟବହାରକାରୀଙ୍କ ସଂଖ୍ୟା ୨୦୨୫ ମସିହାରେ ୯୦ କୋଟି ଟପିବ । ଇଂଟରନେଟ ଆଣ୍ଡ ମୋବାଇଲ ଆସୋସିଏସନ ଅଫ ଇଣ୍ଡିଆ ଏବଂ ଗବେଷଣା ସଂସ୍ଥା କନ୍ତାରା ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ୨୦୨୪ରେ ଭାରତରେ ଇଂଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୮୮.୬ କୋଟିରେ ପହଂଚ୍ ଯାଇଛି । ପ୍ରତି ବର୍ଷ ଇଂଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟାରେ ୮ ପ୍ରତିଶତ ବୃଦ୍ଧି ଘଟୁଛି । ଅଧିକ ବୃଦ୍ଧି ଗ୍ରାମାଂଚଳରେ ହେଉଛି । ୨୦୨୪ରେ ଦେଶରେ ମୋର ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରୁ ଗ୍ରାମାଂଚଳର ସଂଖ୍ୟା ହେଲା ୪୮.୮ କୋଟି ହୋଇ ଥିବା ବେଳେ ସହରାଂଚଳରେ ଏମାନଙ୍କ ସଂଖ୍ୟା ୩୯.୭ କୋଟି ରହିଛି । ଦେଶରେ ଇଂଟରନେଟ ବ୍ୟବହାରକାରୀମାନେ ପ୍ରତି ଦିନ ହାରାହାରି ୯୦ ମିନିଟ ବା ଦେଢ଼ ଘଂଟା ସମୟ ଏଥିରେ ବିତାଉଛନ୍ତି । ସହରାଂଚଳରେ ଇଂଟରନେଟ ବ୍ୟବହାରକାରୀ ମାନେ ହରାହାରି ୯୪ ମିନିଟ ଏବଂ ଗ୍ରାମାଂଚଳର ଇଂଟରନେଟ ବ୍ୟବହାରକାରୀମାନେ ୮୯ ମିନିଟ ଇଂଟରନେଟ ବ୍ୟବହାର କରୁଛନ୍ତି । ଇଂଟରନେଟ ବ୍ୟବହାର କ୍ଷେତ୍ରରେ ଲିଙ୍ଗଗତ ପାର୍ଥକ୍ୟ ମଧ୍ୟ କମୁଛି । ଇଂଟରନେଟ ବ୍ୟବହାରକାରୀଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ୫୩ ପ୍ରତିଶତ ରହିଥିବାବେଳେ ମହିଳାଙ୍କ ପ୍ରତିଶତ ୪୭ ପ୍ରତିଶତ ରହିଛି । ଇଂଟରନେଟ ସାନ୍ଦ୍ରତାରେ କେରଳ ସବୁଠୁ ଆଗରେ ରହିଛି । କେରଳରେ ଏହା ୭୨ ପ୍ରତିଶତ ଥିବାବେଳେ ଗୋଆରେ ୭୧ ପ୍ରତିଶତ ଏବଂ ମହାରାଷ୍ଟ୍ରରେ ୭୦ ପ୍ରତିଶତ ରହିଛି । ଏମାନେ ଦେଶରେ ଇଂଟରନେଟ ସାନ୍ଦ୍ରତା କ୍ଷେତ୍ରରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି । ଅନ୍ୟପକ୍ଷରେ ସବୁଠୁ ପଛରେ ପଡ଼ିଥିବପା ରାଜ୍ୟ ଗୁଡ଼ିକ ହେଲେ ବିହାର ୪୩ ପ୍ରତିଶତ, ଉତରପ୍ରଦେଶ ୪୬ ପ୍ରତିଶତ ଏବଂ ଝାଡ଼ଖଣ୍ଡ ୫୦ ପ୍ରତିଶତ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ୨୦୨୪ରେ ୮୭ କୋଟି (୯୮ ପ୍ରତିଶତ) ଇଂଟରନେଟ ବ୍ୟବହାରକାରୀ ଭାରତୀୟ ଭାଷାରେ ଇଂଟରନେଟ ବ୍ୟବହାର କରୁଛନ୍ତି । ସହରାଂଚଳରେ ୫୭ ପ୍ରତିଶତ ଇଂଟରନେଟ ବ୍ୟବହାରକାରୀ ଆଂଚଳିକ ଭାଷାର ବିଷୟବସ୍ତୁକୁ ଇଂଟରନେଟରେ ଦେଖିଛନ୍ତି । ସହରାଂଚଳରେ ହିନ୍ଦୀ, ମରାଠୀ, ତାମିଲ, ଗୁଜୁରାଟୀ, ତେଲୁଗୁ, ବଙ୍ଗଳା, କନ୍ନଡ, ମାଲାୟାଲମ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାକୁ ଇଂଟରନେଟ ବ୍ୟବହାରକାରୀ ଉପଯୋଗ କରିଛନ୍ତି । ଦେଶରେ ଭାରତୀୟ ଭାଷାରେ ହେଉଥିବା ଇଂଟରନେଟ ବ୍ୟବହାର ମଧ୍ୟରୁ ସର୍ବାଧିକ ବ୍ୟବହାର ଭିଡ଼ିଓ ଦେଖିବାରେ ହେଉଛି । ଏହା ପଛକୁ ଯଥାକ୍ରମେ ଗୀତ ଶୁଣିବା, ସୋସିଆଲ ନେଟୱାର୍କିଂ, ଅନଲାଇନ ସପିଂ ଏବଂ ଅନଲାଇନ ସର୍ଚ୍ଚ ରହିଛି । ପାଂଚ ଜଣରେ ଜଣେ ଭଏସ କମାଣ୍ଡ ଜରିଆରେ ଇଂଟରନେଟ ଆକ୍ସେସ କରୁଛନ୍ତି । ଇଂଟରନେଟ ବ୍ୟବହାରରେ ପ୍ରଗତି ସତ୍ତ୍ୱେ ଏବେ ବି ୪୧ ପ୍ରତିଶତ ଭାରତୀୟ ଏହାଠାରୁ ଦୂରରେ ଅଛନ୍ତି । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମନୋବିଜ୍ଞାନ ପତ୍ରିକାର ତଥ୍ୟ ଅନୁଯାୟୀ ସୋସିଆଲ ମିଡ଼ିଆର ନିଶା କୌଣସି ଘଟଣାରୁ ବାଦ ପଡ଼ିଯିବାର ଭୟ, ବ୍ୟକ୍ତିତ୍ୱର ଗୁଣ ଓ ମାନସିକ ଦୁଃଖ ସହ ଫବିଂ ଆଚରଣ ସକରାତ୍ମକ ଭାବେ ଜଡ଼ିତ । ସେହିପରି ବୋଷ୍ଟନ କନସଲଂଟିଂ ଗ୍ରୁପ ପରି ପ୍ରସିଦ୍ଧ ସର୍ବେକ୍ଷଣ ସଂସ୍ଥାର ତଥ୍ୟ ଅନୁଯାୟୀ ଆମ ଭାରତୀୟମାନେ ପ୍ରତିଦିନ ପାଖାପାଖି ପାଂଚଘଂଟା ଅର୍ଥାତ୍ ୨୯୪ ମିନିଟ ପର୍ଯ୍ୟନ୍ତ ନିଜ ସ୍ମାର୍ଟ ଫୋନରେ ସମୟ ଅତିବାହିତ କରନ୍ତି । ଏହି କ୍ରମକୁ ହିସାବ କଲେ ବର୍ଷକୁ ସେମାନେ ୭୦ ଦିନରୁ ଅଧିକର ସମୟ ଏହି କାର୍ଯ୍ୟପାଇଁ ବିନିଯୋଗ କରନ୍ତି । ସେହି ସର୍ବେକ୍ଷଣର ତଥ୍ୟ ମଧ୍ୟ ଏହା ସୂଚୀତ କରିଛି କି ଯେ ସ୍ମାର୍ଟଫୋନ ହାତରେ ଥିବା ଭାରତୀୟମାନେ ଦିନକୁ ପାଖାପାଖି ୮୦ ଥରରୁ ଉର୍ଦ୍ଧ୍ୱ ନିଜ ଫୋନ ଦେଖନ୍ତି । ଆମେ ଫୋନ ଦେଖିବା ବା ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ରହିଥିବା ମୋବାଇଲ ଯେ ଆମ ଜ୍ଞାନବିଜ୍ଞାନ ପାଇଁ ଅନୁପଯୋଗୀ ତାହା କହୁନାହୁଁ କିନ୍ତୁ ମାତ୍ରାଧିକ ଫୋନ ସହିତ ଆସକ୍ତି ଆପଣଙ୍କ ଜୀବନରେ ସମ୍ପର୍କର ଅନ୍ତରଙ୍ଗ, ବିଶ୍ୱାସର ଭିତିଭୂମିକୁ ନଷ୍ଟ କରିବାକୁ ଯଥେଷ୍ଟ । ଆଜିର ସମୟକୁ ଟିକିଏ ଦେଖନ୍ତୁ ସୋସିଆଲ ମିଡ଼ିଆ ଏକ ଶକ୍ତିଶାଳୀ ଓ ଅମୋଘ ବ୍ୟବସ୍ଥା ସମସ୍ତଙ୍କର ତଥ୍ୟ ଜାଣିବା ପାଇଁ ଓ ଜ୍ଞାନ ବିଜ୍ଞାନ କ୍ଷେତ୍ର ପାଇଁ । ଅର୍ଥ ଦେଣନେଣ ଠାରୁ ଯେକୌଣସି କଥା ବୁଝିବା ହେଉ, କୌଣସି ଟିକେଟ ସଂରକ୍ଷଣ ବ୍ୟବସ୍ଥା ହେଉ ବା ନିଜ ଗନ୍ତବ୍ୟ ସ୍ଥଳ । ସମସ୍ତ ସୂଚନା ଏଥିରେ ଭରି ରହିଥାଏ । ବର୍ତମାନ ସମୟ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ମଧ୍ୟ । ସରକାରୀ ଭାବେ ଡିଜିଟାଲ ପେମେଂଟ ଦ୍ୱାରା ନଗଦ କାରବାର ବ୍ୟବସ୍ଥା ଆର୍ଥିକ ସୁରକ୍ଷା ଓ ନିରାପତାର ଏକ ଭଲ ଦିଗ କିନ୍ତୁ ଘଂଟା ଘଂଟା ଧରି ମୋବାଇଲରେ ବ୍ୟସ୍ତ ରହିବା ଓ ଏହି ତଥାକଥିତ ଫବିଂ ଦ୍ୱାରା ଜଣଙ୍କର ନିଜ କାର୍ଯ୍ୟଦକ୍ଷତା ଓ ସାମାଜିକ ଦକ୍ଷତା ମଧ୍ୟ ହ୍ରାସ ପାଉଛି । ପ୍ରସିଦ୍ଧ 'ହେଲଥ ଲାଇନ ୱେବସାଇଟର ତଥ୍ୟ ମଧ୍ୟ ଏହା ସୂଚୀତ କରୁଛି କି ଯେ ପାଖାପାଖି ୩୨% ଲୋକ ଦିନକୁ ଦୁଇରୁ ତିନିଥର ଫୋନ ଦେଖିବା ଦ୍ୱାରା ଅନ୍ୟ ମାନଙ୍କୁ ଅଣଦେଖା କରିଥାନ୍ତି । ଏହି ସାମାଜିକ ଆଚରଣଟି ଏକ ବିଲକ୍ଷଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ସାମାଜିକ ସମ୍ପର୍କ ଓ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତି ପହଂଚାଇଥାଏ । ଏହା ଏକ ଭାବନା ଓ ଭାବନାତ୍ମକ ଅସୁସ୍ଥତାକୁ କେବଳ ବଢ଼ାଇ ନଥାଏ କିନ୍ତୁ ଏହା ସୂଚୀତ କରେ ଯେ ତଥାକଥିତ ଡିଜିଟାଲ ଯୁଗରେ ଆମ୍ଭେମାନେ ଯଥେଷ୍ଟ ଅଗ୍ରଣୀ କିନ୍ତୁ ସମ୍ପର୍କଗତ ମାନବିକ ଭାବନା କ୍ଷେତ୍ରରେ ପାଖ ଲୋକଟି ଠାରୁ ମଧ୍ୟ ଦୂରେଇ ଯାଉଛୁ । ବର୍ଷ ବର୍ଷର, ପରମ୍ପରାର ଓ ଅନେକ ପୁରୁଣା ସମ୍ପର୍କ ମଧ୍ୟ ପ୍ରଭାବିତ ହେଉଛି ଏବଂ ଏହାକୁ ନେଇ ଅନେକଙ୍କ ଭିତରେ ମଧ୍ୟ ଏକ ପ୍ରକାର ମନମାଳିନ୍ୟ ଓ ଭୁଲ ବୁଝାମଣା ସୃଷ୍ଟି ହୋଇଥାଏ । ତେବେ ଏଥିରୁ ମୁକ୍ତି ପାଇବା ପାଇଁ ଉପାୟ କ'ଣ ? ଆମ୍ଭେମାନେ ହେଉଛେ ଏ ସୃଷ୍ଟିରେ ସବୁଠାରୁ ଶ୍ରେଷ୍ଠ ପ୍ରାଣୀ । ଭଗବାନ ଆମକୁ ବିଦ୍ୟା, ବୁଦ୍ଧି ଓ ମସ୍ତିଷ୍କ ଦେଇଛି । ତେଣୁ ନିର୍ଦ୍ଧାରିତ ସମୟ ପାଇଁ ଫୋନ ସହିତ ନିଜକୁ ଜଡ଼ିତ ରଖନ୍ତୁ । ଆମ୍ଭେମାନେ ଆମ ବ୍ୟକ୍ତିଗତ ଜୀବନରେ ଅନେକ ଲୋକଙ୍କୁ ଦେଖିଛୁ ଯେଉଁମାନେ ନିର୍ଦ୍ଦିଷ୍ଟ ସମୟ ବ୍ୟତୀତ ଅନ୍ୟ ସମୟରେ ଆଦୌ ଫୋନ ଦେଖନ୍ତି ନାହିଁ । ସେମାନଙ୍କର ଏହି ରୁଟିନ ବନ୍ଧା ଜୀବନ ବ୍ୟବସ୍ଥା ସମ୍ପର୍କରେ ତାଙ୍କ ପାଖଲୋକ ଓ ତାଙ୍କ ସହ ଯୋଗାଯୋଗରେ ରହୁଥିବା ଲୋକମାନେ ମଧ୍ୟ ଜାଣିଥିବାରୁ ଏହା ସେମାନଙ୍କ ପାଇଁ ଆଦୌ ଅସହଜ ହୁଏ ନାହିଁ । ନିଜ ଜୀବନକୁ ଆନନ୍ଦମୟ ଓ ସମ୍ପର୍କପ୍ରିୟ କରିବାକୁ ହେଲେ କେବଳ ମୋବାଇଲର ସମ୍ପର୍କ ଯେ ଅତ୍ୟନ୍ତ ଓ ଅହର୍ନିଷ ଜରୁରୀ ଆଦୌ ନୁହଁ । ଆମେ ଏପରି ଲୋକମାନଙ୍କୁ ବି ସାମ୍ନା କରିଛୁ ଯେଉଁମାନେ ସମାଜରେ ଢ଼େର ପ୍ରତିଷ୍ଠିତ ଏବଂ ଅନେକ ବିଜ୍ଞ, ଉଚ୍ଚ ପଦପଦବୀରେ ଆସୀନ ଏ ସବୁ ସତ୍ତ୍ୱେ ଏକ ଛୋଟିଆ ଫୋନ ବ୍ୟବସ୍ଥା ଭିତରେ ନିଜକୁ ରଖିଥାନ୍ତି । ତେଣୁ ଏହି ତଥାକଥିତ ଫୋନ ବିଳାସ, ଫବିଂ ମାୟା ଜାଲରୁ ନିଜକୁ ମୁକ୍ତ ହେବାର ଉପାୟ ଆପଣ ନିଜେ ମଧ୍ୟ କାଢ଼ନ୍ତୁ । ଉପସ୍ଥିତ ମୁହୂର୍ତକୁ ଅନୁଭବ କରିବା ସହ ଗୁରୁତ୍ୱପୂର୍ଣ୍ଣ, ମୂଲ୍ୟବାନ ଓ ଅର୍ଥପୂର୍ଣ୍ଣ ବାର୍ତାଳାପରେ ନିଜକୁ ନିୟୋଜିତ ରଖିବା ସହ ଡିଜିଟାଲ ଅନ୍ୟମନସ୍କତାକୁ ପଛେଇ ବ୍ୟକ୍ତିନିଷ୍ଠ ସମ୍ପର୍କକୁ ପ୍ରାଥମିକତା ଦିଅନ୍ତୁ ଦେଖିବେ ଆପଣ ଏହି ମାୟାଜାଲରୁ କେବଳ ନିଜକୁ ମୁକ୍ତି କରିପାରିବେ ନାହିଁ ବରଂ ଆପଣ ଅନେକ ମୂଲ୍ୟବାନ ସମୟ ବାହାର କରି ଏହା ଆପଣଙ୍କ ନିଜ ଲୋକ ମାନଙ୍କ ପାଇଁ ସେହି ସମୟଟି ଦେଇପାରିବେ । ଜୀବନଟି ଅତ୍ୟନ୍ତ ଆନନ୍ଦମୟ, ସମ୍ପର୍କପୂର୍ଣ୍ଣ ଓ ମଧୁରପୂର୍ଣ୍ଣ ହୋଇପାରିବ ।

*'ଆନନ୍ଦ ଜ୍ୟୋସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ*

# ପର୍ଯ୍ୟଟନ

# ପଂଚମଢ଼ୀର ପ୍ରାକୃତିକ ଶୋଭାରାଜି





ମଧ୍ୟପ୍ରଦେଶରେ ଥିବା ପଂଚମଢ଼ୀକୁ ଯଥାର୍ଥ ପରସ୍ପର ଦେହରେ ଛନ୍ଦି ହୋଇ ଥିବା ପର୍ବତ ଶ୍ରେଣୀ ଓ ତା'କୁ ଘୋଡ଼ାଇ ରଖିଥିବା ଘନ ଜଙ୍ଗଲର ସବୁଜ ଚାଦର। ପୁଣି ଏଠାରେ ଥିବା ଅସଂଖ୍ୟ ବଣୁଆ ଝରଣା ଓ ପ୍ରପାତର ଝର୍ଝର ସଂଗୀତ, ପବନରେ ଉଡ଼ି ବୁଲୁଥିବା କଳକଣାରେ ଇନ୍ଦ୍ରଧନୁର ଚିତ୍ରକୁ ନେଇ ପଂଚମଢ଼ୀ ଅନେକାଂଶରେ କାଶ୍ମୀରଠାରୁ କିଛି କମ୍ ସୌନ୍ଦର୍ଯ୍ୟମୟୀ ନୁହେଁ। ଶାନ୍ତ ଓ ସୁଘନ ଜଙ୍ଗଲ ଭିତରକୁ ତୀଖ ହୋଇ ପଶି ଯାଇଥିବା ଜଳାଧାରର ଦୁଇ ପାଖରେ ଥିବା ଉଚ୍ଚ ଉଚ୍ଚ ଜାମୁଗଛ, ପବନରେ ସନ୍ ସନ୍ ଗୀତ ଗାଉଥିବା ବାଉଁଶ ବଣ, ଫଳଭାରରେ ନଇଁ ପଡୁଥିବା ଅଁଳା, ମହୁଲ ଆଦି ଗଛ ଓ ତା' ଭିତରେ ବୁଲୁଥିବା ପଶୁପକ୍ଷୀ ପଂଚମଢ଼ୀ ଭ୍ରମଣର ରୋମା□କୁ ଶତଗୁଣିତ କରିଥାଏ। ସେଥିପାଇଁ ବର୍ଷର ଅଧିକାଂଶ ସମୟରେ ଏଠାରେ ପ୍ରକୃତିପ୍ରେମୀଙ୍କ ଭିଡ଼ ଲାଗି ରହିଥାଏ। ଅବଶ୍ୟ ଏକଥା ସତ ଯେ ଗ୍ରୀଷ୍ମ ଋତୁରେ ପଂଚମଢ଼ୀରେ ସବୁଠାରୁ ଅଧିକ ଭିଡ଼ ହୁଏ। ସେ ସମୟରେ ଦେଶ ବିଦେଶରୁ ଏତେ ପର୍ଯ୍ୟଟକ ଏଠାକୁ ଆସନ୍ତି ଯେ ରହିବାକୁ ବି ବେଳେବେଳେ ହେଟେଲ୍ ମିଳେ ନାହିଁ। ତେବେ ଆଜିକାଲି ଶୀତଋତୁରେ ବି ପଂଚମଢ଼ୀକୁ ଅନେକ ପର୍ଯ୍ୟଟକ ଆସୁଛନ୍ତି।

ସତପୁରାର ଦୁର୍ଗମ ପାହାଡ଼ୀ ଇଲାକାରେ ସମୁଦ୍ର ପତନଠାରୁ ୧,୦୬୭ ମିଟର ଉଚ୍ଚରେ ପଂଚମଢ଼ୀ ଅବସ୍ଥିତ। ବଣ ଜଙ୍ଗଲ, ଝରଣା ଓ ଜଳ ପ୍ରପାତ ବ୍ୟତୀତ ସେଠାରେ ଥିବା ପ୍ରାଚୀନ ଗୁମ୍ଫା ଓ ମନ୍ଦିର ମଧ୍ୟ ପର୍ଯ୍ୟଟକଙ୍କୁ ଆକର୍ଷଣ କରିଥାଏ। ଏମିତି ଦେଖିଲେ, ଦେଶର ଅଧିକାଂଶ ପାହାଡ଼ୀ ପର୍ଯ୍ୟଟନସ୍ଥଳୀ ଠାରୁ ପଂଚମଢ଼ୀ ଅପେକ୍ଷାକୃତ ଭାବେ ଶସ୍ତା। ତେଣୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ହନିମୁନ୍ ପାଇଁ ତ ଏହା ପାଖଆଖରେ ଥିବା ଅଧିକାଂଶ ରାଜ୍ୟର ଲୋକଙ୍କର ପ୍ରଥମ ପସନ୍ଦ ପାଲଟି ଯାଇଛି।









## ଆସ ବୁଲିଯିବା

**ବି ଫଲ୍:** ପଂଚମଢ଼ୀରେ ଅସଂଖ୍ୟ ଛୋଟବଡ଼ ଝରଣା ଓ ଜଳପ୍ରପାତ ରହିଛି। ତା' ଭିତରୁ ସବୁଠାରୁ ପ୍ରସିଦ୍ଧ ହେଉଛି ବି ଫଲ୍ ବା ମହୁମାଛି ପ୍ରପାତ, ଯାହାର ଉଚ୍ଚତା ପ୍ରାୟ ୧୫୦ ଫୁଟ୍। ଏହା ପଂଚମଢ଼ୀ ଠାରୁ ୩କିଲୋମିଟର ଦୂରରେ ଅବସ୍ଥିତ। ଏଠାରେ ପହଂଚିବା ଲାଗି ପାଦରେ ଅଧ କିଲୋମିଟର ପାହାଡ଼ ତଳକୁ ଓହ୍ଲାଇବାକୁ ପଡ଼େ। ଏ ପ୍ରପାତରେ ଗାଧୋଇବାର ଅନୁଭୂତି ସତରେ ଭାରି ନିଆରା।

**ଜଟାଶଙ୍କର:** ପଂଚମଢ଼ୀ ବସ୍‌ଷ୍ଟାଣ୍ଡଠାରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଥିବା ଜଟାଶଙ୍କର ପ୍ରକୃତିର ଏକ ଚମତ୍କାର। ଦୁଇଟି ବିଶାଳ ପଥର ମଝିରେ ଆଉ ଏକ ବିଶାଳ ପଥର ଉପରେ ଲଟକି ରହିଛି। ଏ ଦୃଶ୍ୟ ଆଖିରେ ଦେଖିଲେ ହିଁ ବିଶ୍ୱାସ କରିହେବ। ଏଠାରେ ଅନେକ ଗୁଡ଼ିଏ ଗୁମ୍ଫା ରହିଛି। ଗ୍ରୀଷ୍ମ ଋତୁରେ ବି ସେ ଗୁମ୍ଫା ଭିତରେ ହାଡ଼ଥରା ଥଣ୍ଡା ଅନୁଭୂତ ହୋଇଥାଏ। କେତୋଟି ଗୁମ୍ଫାରେ ପ୍ରାଚୀନ ଚିତ୍ର ମଧ୍ୟ ରହିଛି, ଯାହା ପ୍ରାୟ ୧୦,୦୦୦ ବର୍ଷ ପୁରୁଣା ବୋଲି କୁହାଯାଏ।

**ଚୌରାଗଡ଼:** ୧,୧୦୦ଟି ପାହାଡ଼ ଚଢ଼ିବା ପରେ ପାହାଡ଼ ଉପରେ ଥିବା ଚୌରାଗଡ଼ରେ ପହଂଚି ହୁଏ। ଏଠି ପହଂଚିବା ମାତ୍ରେ ଚାରିପଟରେ ସବୁଜିମା ଓ ଶାନ୍ତ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କ ପାହାଡ଼ ଚଢ଼ାର କ୍ଳାନ୍ତି ନିମିଷକେ ଦୂର କରିଦିଏ। ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ଦେଖିବା ଲାଗି ଏଠାରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏକାଠି ହୁଅନ୍ତି।

**ପାଣ୍ଡବ ଗୁମ୍ଫା:** ପଂଚମଢ଼ୀ ପାହାଡ଼ରେ ଥିବା କେତୋଟି ଗୁମ୍ଫାକୁ ପାଣ୍ଡବ ଗୁମ୍ଫା ବୋଲି କୁହାଯାଏ। ବନବାସ ସମୟରେ ପାଣ୍ଡବ ମାନେ ସେଠାରେ କିଛିକାଳ ବିତାଇଥିଲେ ବୋଲି ବିଶ୍ୱାସ କରାଯାଏ।

**ସତପୁରା ଜାତୀୟ ଉଦ୍ୟାନ:** ପଂଚମଢ଼ୀକୁ ଲାଗି ସତପୁରା ଜାତୀୟ ଉଦ୍ୟାନ। ୫୨୫ ବର୍ଗ କିଲୋମିଟର ଆକାରର ଏହି ସଂରକ୍ଷିତ ଜଙ୍ଗଲରେ ଚିତାବାଘ, ହରିଣ, ହେଟା, ନୀଳଗାଈ ବହୁ ସଂଖ୍ୟାରେ ବାସ କରନ୍ତି। ଏ ଜଙ୍ଗଲ ଭିତରକୁ ଯିବାଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଚି।

**କେମିତି ଯିବେ:** ପଂଚ□ମଢ଼ୀର ନିକଟସ୍ଥ ରେଳ ଷ୍ଟେସନ ହେଉଛି ପିପରିୟା। ପିପରିୟାକୁ ଦେଶର ଅନେକ ବଡ଼ ବଡ଼ ସହରରୁ ସିଧାସଳଖ ରେଳ ସେବା ଅଛି। ତେବେ ନୂଆ ନୂଆ ଭୁବନେଶ୍ୱରରୁ ଯିବାକୁ ହେଲେ ଟ୍ରେନ୍‌ରେ ପ୍ରଥମେ ଭୋପାଳ ବା ନାଗପୁର ଯାଇ ସେଠାରୁ ଅନ୍ୟ ଲୋକାଲ୍ ଟ୍ରେନ୍‌ରେ ବା ବସ୍‌ରେ ପଂଚମଢ଼ୀ ଯିବା ସୁବିଧାଜନକ।

**କେଉଁଠି ରହିବେ:** ବିଭିନ୍ନ ଶ୍ରେଣୀର ପର୍ଯ୍ୟଟକଙ୍କ ପକେଟକୁ ସୁହାଇବା ଭଳି ହୋଟେଲ୍ ପଂଚମଢ଼ୀରେ ଯଥେଷ୍ଟ ପରିମାଣରେ ଅଛି। ତେଣୁ ସେ ଦିଗରେ ଆଦୌ ଚିନ୍ତା କରିବା ଆବଶ୍ୟକ ନାହିଁ। ଏମିତି ଦେଖିଲେ ପଂଚମଢ଼ୀରେ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ଯଥେଷ୍ଟ କାର୍ଯ୍ୟ କରୁଛନ୍ତି।

* * *




## ଶୈବପୀଠ

# କେଦାରନାଥ

ହିନ୍ଦୁ ଧର୍ମ ଓ ପୁରାଣ ଶାସ୍ତ୍ରରେ ସବୁଠି ଦେଖିବାକୁ ମିଳେ ହିମାଳୟର ଗୁରୁତ୍ୱ। ହିମାଳୟର ଘଂଚ ଅରଣ୍ୟାନୀ, ଶୃଙ୍ଗସବୁ ଅନେକ ହିନ୍ଦୁ ଦେବଦେବୀଙ୍କ ପୀଠ ଭାବେ ବିଚାରର କରାଯାଏ। ଭଗବାନ ଶିବଙ୍କ ସ୍ଥାନ ତ କୈଳାସ ପର୍ବତ ଯାହାକି ହିମାଳୟ ପର୍ବତର ଶିଖର ଦେଶ। ପୁଣି ଖୋଦ୍ ହିମାଳୟ ହେଉଛି ଦେବୀ ପାର୍ବତୀଙ୍କ ପିତୃଗୃହ, ଅର୍ଥାତ୍ ଶିବଙ୍କ ଶ୍ୱଶୁରାଳୟ। ତା'ଛଡ଼ା ପୁରାଣ ଅନୁସାରେ ଅପ୍‌ସରା, ବିଦ୍ୟାଧର, ଯକ୍ଷ, ଗନ୍ଧର୍ବ, କିନ୍ନରମାନେ ମଧ୍ୟ ରହନ୍ତି ହିମାଳୟରେ। ସୁନ୍ଦର ବୃକ୍ଷରାଜି ଶୋଭିତ ହିମାଳୟର ଉତୁଙ୍ଗ ଶିଖରକୁ ଧ୍ୟାନ ଓ ତପସ୍ୟା ସ୍ଥଳ ଭାବେ ବାଛିଥାନ୍ତି ମୁନିଋଷି ଓ ସନ୍ନ୍ୟାସୀମାନେ। ଏହି ହିମାଳୟ ଅଂଚଳରେ ରହିଛି ପବିତ୍ର ଧର୍ମପୀଠ ବଦ୍ରିନାଥ, କେଦାରନାଥ, ଅମରନାଥ।



କେଦାରନାଥ ଶୈବପୀଠ ଅବସ୍ଥିତ ସମୁଦ୍ର ପତନଠାରୁ ୩୩୦୦ ମିଟର ଉଚ୍ଚରେ ବଦ୍ରିନାଥ ଯିବା ରାସ୍ତାରେ। ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିରର ମୂର୍ତ୍ତି ହେଉଛନ୍ତି ପଥରର ଏକ ତ୍ରିକୋଣ ଜ୍ୟୋତିର୍ଲିଙ୍ଗ। ଦ୍ୱାପର ଯୁଗରେ ନିଜର ଆତ୍ମୀୟ ସମ୍ପର୍କୀୟଙ୍କ ନିଧନ ଜନିତ ପାପ ଧୌତ ନିମନ୍ତେ ମହାଭାରତ ଯୁଦ୍ଧ ବିଜୟୀ ପାଣ୍ଡବମାନେ ଭଗବାନ ବିଶ୍ୱେଶ୍ୱରଙ୍କ ଦର୍ଶନ ନିମନ୍ତେ ହିମାଳୟକୁ ଯାଇଥିଲେ। ରୁଦ୍ରପ୍ରୟାଗଠାରୁ ପାଣ୍ଡବମାନେ ଗୌରୀକୁଣ୍ଡ ପର୍ଯ୍ୟନ୍ତ ଯାଇ ଭଗବାନ ଶଙ୍କରଙ୍କୁ ଖୋଜିବାରେ ଲାଗିଲେ। ଏହି ସମୟରେ ନକୁଳ ଓ ସହଦେବ ଏକ ବିଚିତ୍ର ମଇଁଷିକୁ ଦେଖିଲେ। ଗଦା ଧରି ଭୀମ ମଇଁଷି ପଛରେ ଦୌଡ଼ିଲେ, କିନ୍ତୁ ଧରି ପାରିଲେନି। ତେଣୁ ଗଦାରେ ପିଟିଦେଲେ। ମଇଁଷିଟି ତା'ର ମୁହଁକୁ ପଥର ଫାଙ୍କରେ ଲୁଚାଇଦେଲା। ଭୀମ ତା'ର ଲାଞ୍ଜକୁ ଟାଣି ବାହାର କଲା ବେଳକୁ ମୁଣ୍ଡଟି ଛିଣ୍ଡି ନେପାଳରେ ପଡ଼ିଲା। ନେପାଳର ଭକ୍ତପୁରରେ ପ୍ରତିଷ୍ଠା ହେଲେ ଡୋଲେଶ୍ୱର ମହାଦେବ। ମଇଁଷିର ଶରୀର ଯେଉଁଠାରେ ପଡ଼ିଲା ସେଠାରୁ ଆବିର୍ଭୂତ ହେଲେ ଜ୍ୟୋତିର୍ଲିଙ୍ଗ ଏବଂ ଦେଖା ଦେଲେ ଭଗବାନ ଶଙ୍କର। ତାଙ୍କର ଦର୍ଶନ କରି ପାଣ୍ଡବମାନେ ପାପ ଧୌତ କଲେ। ଭଗବାନ ଶଙ୍କର କହିଲେ ସେହିଠାରେ ସେ ତିନିକୋଣ ବିଶିଷ୍ଟ ଜ୍ୟୋତିର୍ଲିଙ୍ଗ ଭାବେ ପୂଜା ପାଇବେ। ସେବେଠାରୁ କେଦାରନାଥଙ୍କ ଦର୍ଶନରେ ମୁକ୍ତି ମିଳେ ଏବଂ ସମସ୍ତ ଦୁଃଖକଷ୍ଟ ଦୂର ହୋଇଯାଏ ବୋଲି ହିନ୍ଦୁମାନଙ୍କ ବିଶ୍ୱାସ ରହିଛି।

* * *



# ଲୋକଙ୍କୁ ଦହି ସରବତ ବଂଟନ କଲେ ଫଟୋଗ୍ରାଫର ସଂଘ



ଖଇରା(ନିପ୍ର): ବର୍ତମାନ ଖଇରାରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁ ଥିବା ବେଳେ ଖଇରା-ଔ ପଦା ଫଟୋ ଗ୍ରାଫର ସଂଘ ପକ୍ଷରୁ ଗୁରୁବାର ଦହି ସରବତ ବଂଟନ କରାଯାଇଛି । ସୋର-କୁପାରୀ ରାସ୍ତାର ଖଇରା ବ୍ଲକ ଛକ ନିକଟରେ ସଂଘର ସଭାପତି ସ୍ୱରୂପାନନ୍ଦ ରାଉଳ, ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାବରେ ସଦସ୍ୟ ଲମ୍ବୋଦର ରାଉଳ, ବିଜୟ ସ, ରଞ୍ଜିତ ପୃଷ୍ଟି, ବୁଲୁ ପଣ୍ଡା, ସୁର୍ଯ୍ୟକାନ୍ତ ଦାସ, ରଞ୍ଜନ ରାଉତଙ୍କ ସମେତ ଅନ୍ୟ ସଦସ୍ୟଗଣ ରାସ୍ତାରେ ଯାଉଥିବା ଯାତ୍ରୀ ମାନଙ୍କୁ ଦହିସରବତ ପିଆଇ ପ୍ରସଂସା ସାଉଁଟିଥିଲେ ।

# ହୋଟେଲ ତାଜ୍ ଭିଭାନ୍ତରେ 'ସାଧାରଣ ସ୍ୱର ସମ୍ମିଳନୀ'

ଖୋର୍ଦ୍ଧା(ନିପ୍ର): ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ସାହସିକତା ପାଇଁ ଆଉ ଏକ ସଫଳତାର ପାଦଥାପିଛନ୍ତି ଖୋର୍ଦ୍ଧାର ମେଧାବୀ ସାମ୍ବାଦିକା ଶୁଭଲକ୍ଷ୍ମୀ ସାମନ୍ତରାୟ । ଭୁବନେଶ୍ୱର ସ୍ଥିତ ପ୍ରତିଷ୍ଠିତ ହୋଟେଲ 'ତାଜ୍ ଭିଭାନ୍ତ' ପରିସରରେ ଆୟୋଜିତ ଭବ୍ୟ 'ସାଧାରଣ ସ୍ୱର ସମ୍ମିଳନୀ' ଅବସରରେ ତାଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ରାଜ୍ୟର ଅଗ୍ରଣୀ ଦୈନିକ ସମ୍ବାଦପତ୍ର 'ଓଡ଼ିଶା ଭାସ୍କର'ର ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ଭାବେ କାର୍ଯ୍ୟରତ ଶୁଭଲକ୍ଷ୍ମୀଙ୍କୁ ଏହି ପ୍ରେରଣାଦାୟୀ ସମ୍ମାନ ପ୍ରଦାନ କରାଯାଇଛି, ଯାହା ସ୍ଥାନୀୟ ଅଂଚଳରେ ଖୁସି ଓ ଗର୍ବର ଲହରୀ ଖେଳାଇ ଦେଇଛି । ଖୁବ୍ କମ୍ ବୟସରୁ ସମାଜର ବିଭିନ୍ନ




ସମସ୍ୟା ଓ ଅବହେଳିତ ଶ୍ରେଣୀର ଲୋକଙ୍କ ସ୍ୱରକୁ ପ୍ରଶାସନ ସମ୍ମୁଖକୁ ଆଣିବା ପାଇଁ ସେ କଲମ ଚାଳନା ଆରମ୍ଭ କରିଥିଲେ । ସତ୍ୟ ଓ ନିରପେକ୍ଷ ଖବର ପରିବେଷଣ କରି ସେ ଆଜି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ସମ୍ମିଳନୀରେ ତାଙ୍କର ସେହି ଅଦମ୍ୟ ସାହସ ଏବଂ ସାମ୍ବାଦିକତା ପ୍ରତି ଥିବା ନିଷ୍ଠାକୁ ଉଚ୍ଚ ପ୍ରଶଂସା କରାଯାଇ ସମ୍ମାନୀତ କରାଯାଇଛି । ଶୁଭଲକ୍ଷ୍ମୀ କେବଳ ଜଣେ କର୍ତବ୍ୟନିଷ୍ଠ ସାମ୍ବାଦିକା ନୁହନ୍ତି, ବରଂ ଜଣେ ସୁବକ୍ତା ଏବଂ ସମାଜସେବୀ ଭାବେ ମଧ୍ୟ ସେ ଖୋର୍ଦ୍ଧା ଜିଲ୍ଲାର ଘରେ ଘରେ ବେଶ୍ ପରିଚିତ । ଜନସାଧାରଣଙ୍କ ହକ ଓ ନ୍ୟାୟ ପାଇଁ ସେ ଦିନରାତି ଏକ କରି କାର୍ଯ୍ୟ କରନ୍ତି । ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ସେ ସଦାସର୍ବଦା ଚେଷ୍ଟିତ ରହିଥାନ୍ତି । ତାଙ୍କର ଏହି ମହତ ଗୁଣ ଯୋଗୁଁ ଆଜି ସେ ଅନେକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ଏହି ସମ୍ମିଳନୀରେ ଅତିଥି ଭାବେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଓ ବରିଷ୍ଠ ସାମ୍ବାଦିକମାନେ ଶୁଭଲକ୍ଷ୍ମୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ କହିଥିଲେ ଯେ, ଆଜିର ସମାଜରେ ଶୁଭଲକ୍ଷ୍ମୀଙ୍କ ଭଳି ନିର୍ଭୀକ ଓ ସମାଜ ସଚେତନ ଯୁବ ସାମ୍ବାଦିକଙ୍କର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି । ସେ ଏହି ସମ୍ମାନ ପାଇବା ପରେ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଦାୟିତ୍ୱ ଆହୁରି ବଢ଼ିଯାଇଛି ବୋଲି ପ୍ରକାଶ କରିବା ସହ 'ଓଡ଼ିଶା ଭାସ୍କର' କର୍ତୃପକ୍ଷ ଓ ସମସ୍ତ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବିଜେଡି ଓ କଂଗ୍ରେସ ଛାଡ଼ି ଶତାଧିକ କର୍ମୀ ବିଜେପିରେ ସାମିଲ

ପାରାଦୀପ(ନିପ୍ର): ନା ଅଛି ବିରୋଧୀଙ୍କ ବିରୋଧ କୁ ଭୃକ୍ଷେପ, ନା ଅଛି ବିରୋଧୀଙ୍କ ସମାଲୋଚନାରେ ଭୟ, ନିଜର କାର୍ଯ୍ୟ ଶୈଳୀ ଓ କୋକଙ୍କ ପ୍ରତି ସେବା ମନୋଭାବ ଆଜି ଯୁବନେତା, ଓଡିଶାର କୋଣ ଅନୁକୋଣେ ପରିଚିତ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ପାଲଟିଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀ ଯୁବବର୍ଗ ଙ୍କ ପାଇଁ ପ୍ରେରଣା ର ଉତ୍ସ । ପାରାଦୀପ ନିର୍ବାଚନ ମଣ୍ଡଳୀରେ ସମୃଦ୍ଧ ହେଉଛି ବିଜେପି, ଭାରତବର୍ଷ ର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ନୀତି, ଆଦର୍ଶ, ବଳିଷ୍ଠ ନେତୃତ୍ୱ, ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସୁଶାସନ ସହିତ ପାରାଦୀପ ର ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଲୋକପ୍ରିୟତା କୁ ଅନୁସରଣ କରି ଆଜି ବିଜେଡି ଓ କଂଗ୍ରେସ ଦଳ



ଛାଡି ବିଜେପିରେ ସାମିଲ ହୋଇଛନ୍ତି ପାଂଚଶହ ରୁ ଉର୍ଦ୍ଧ ସଂଗଠକ ଓ କର୍ମୀ । ରାହାମା ପଂଚାୟତର ସାଇଲୋ ମଣ୍ଡପ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ଶିଳ୍ପମନ୍ତ୍ରୀଙ୍କ ଉପସ୍ଥିତରେ ୫ ଶହ ରୁ ଉର୍ଦ୍ଧ କର୍ମୀ ଓ ନେତୃତ୍ୱ ମାନେ ଦଳ ଛାଡି ବିଧିବଦ୍ଧ ଭାବରେ ବିଜେପି ରେ ସାମିଲ ହୋଇଛନ୍ତି କ୍ଷ ସମସ୍ତ କର୍ମୀ ମାନଙ୍କୁ ଶିଳ୍ପମନ୍ତ୍ରି ସମ୍ପଦ ଚନ୍ଦ୍ର ସ୍ୱାଇଁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିବା ସହିତ ଆଜିର ଏହି ମିଶ୍ରଣ ପର୍ବରେ ବିଜେପି ରେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଓଡିଶାରେ ଲୋକଙ୍କ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଦୁଇବର୍ଷ ଭିତରେ ପାଳନ କରିଛନ୍ତି । ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଯୁବବର୍ଗଙ୍କୁ ଆତ୍ମନିର୍ଭର କରିବା ରେ ଲୋକଙ୍କ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଶିଳ୍ପ ବଢୁଛି, ଶିଳ୍ପ ଦ୍ୱାରା ପରୋକ୍ଷ ହେଉ କିମ୍ବା ପ୍ରତ୍ୟେକ୍ଷ ଭାବରେ ସ୍ଥାନୀୟ ଲୋକ ଆତ୍ମନିର୍ଭରଶିଳ ହୋଇ ପାରୁଛନ୍ତି । ଯାହାର ପ୍ରତିଫଳନ ସ୍ୱରୂପ ବିଜେପି ପ୍ରତି ଲୋକଙ୍କ ଆସ୍ଥା ବଢିବାରେ ଲାଗିଛି । ବିରୋଧୀଙ୍କ ଆଚରଣ ସେ ବିରୋଧ କରିବେ କିନ୍ତୁ ତାହାର କିଛି ପ୍ରଭାବ ପଡିବ ନାହିଁ, ଆଜି ବିରୋଧୀ ଯେଉଁଭଳି ଅଯଥାରେ ମିଥ୍ୟା ଆରୋପ ଲଗାଇ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି, ଲୋକ ସବୁ ଜାଣିଛନ୍ତି, କିଏ କଣ, ଆଉ ପାରାଦୀପ ମାଟିରେ କାହାର ବିରୋଧ କୁ ଖାତିର କରୁନାହାନ୍ତି ସାଧାରଣ ଜନତା । ସାଧାରଣ ଲୋକ ସବୁ ଜାଣିଛନ୍ତି ଜାହାର ପ୍ରତିଫଳନ ଆଜି ଆପଣ ମାନେ ଦେଖୁଛନ୍ତି ବୋଲି ମିଶ୍ରଣ ପର୍ବରେ କହିଛନ୍ତି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ।

# ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଆପାଳ(ନିପ୍ର): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପରିଷଦର ସଭା ଗୃହ ପରିସରରେ ବାଲିଆପାଳ ବ୍ଲକରେ ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ୫୭୪ ନମ୍ବର ରଖିଥିବା ଛାତ୍ରୀ ସାଇପ୍ରଭା ନନ୍ଦୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି । ଏହି ଅବସରରେ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡ଼ଃ ବଙ୍କିମ ଚନ୍ଦ୍ର ଜେନା, ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଚିତରଞ୍ଜନ ଦାସ ସାଇପ୍ରଭାଙ୍କୁ ପୁଷ୍ପ ଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ସହିତ ବକ୍ତବ୍ୟରେ କହିଥିଲେ ପ୍ରେରଣା, ପ୍ରୋତ୍ସାହନା ଓ ପୁରସ୍କାର ବ୍ୟକ୍ତି ବିଶେଷକୁ ଗୁରୁତ୍ୱ ପୂର୍ଣ୍ଣ ନାଗରୀକ ଭାବେ ଗଢ଼ି ତୋଳିବାରେ ସହାୟକ ହୋଇଥାଏ । ଏହି ସମ୍ବର୍ଦ୍ଧନା ସଭାରେ ପରିଷଦର ଚାଳିଶରୁ ଅଧିକ ସଦସ୍ୟ ଯୋଗ ଦେଇ ସାଇପ୍ରଭାଙ୍କ ଉତରୋତର ଉନ୍ନତି କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ । ସଇପ୍ରଭା ଡାଙ୍ଗରପଦା ହାଇସ୍କୁଲର ଛାତ୍ରୀ ହୋଇଥିବା ବେଳେ ଅସ୍ତି ପଂଚାୟତର ଡାକୁଆ -୨ ଗ୍ରାମର ପ୍ରତାପ ଚନ୍ଦ୍ର ନନ୍ଦୀ ଓ ରଶ୍ମିତା ନନ୍ଦୀଙ୍କ ଝିଅ ଅଟନ୍ତି । ଏହି ସଭାରେ ସାଇପ୍ରଭା ଯୋଗ ଦେଇ ଭବିଷ୍ୟତ ରେ ଜଣେ ଡାକ୍ତର ହୋଇ ସମାଜ ସେବାରେ ବ୍ରତୀ ହେବେ ବୋଲି କହିଛନ୍ତି । ପରିଷଦ ପକ୍ଷରୁ ଛାତ୍ରୀ ଙ୍କ ପିତା ମାତା ଓ ଉକ୍ତ ବିଦ୍ୟାଳୟ ର ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ଙ୍କୁ ଧନ୍ୟବାଦ ଜ୍ଞାପନ କରଯାଇଥିଲା ।

# ବିଜେଡି ପକ୍ଷରୁ ମହିଳା ଅଧିକାର ଅଭିଯାନ



ନୟାଗଡ଼(ନିପ୍ର): ନୟାଗଡ଼ ବିଜେଡି କାର୍ଯ୍ୟାଳୟ ଠାରେ ମହିଳା ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପସିତା ସାହୁ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ବିରଜା ଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ୍ ଆଳରେ ଯୋଜନା ବଦ୍ଧ ଭାବେ ଷଡ଼ଯନ୍ତ୍ର କରିବା, ମହିଳାଙ୍କୁ ସଂରକ୍ଷଣ ନଦେବା, ମହିଳାଙ୍କ ପ୍ରତି ଅସମ୍ମାନ ବୋଲି ମତ ପ୍ରକାଶ ପାଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କୁ ବିଶ୍ୱରେ ପରିଚିତ କରାଉଥିଲେ । ଡବଲ ଇଞ୍ଜିନ ସରକାର ମହିଳାଙ୍କ ଭାତ ହାଣ୍ଡିରେ ଲାତ ମାରୁଛି । ତେଲ କମ ବ୍ୟବହାର କରିବା, ସୁନା ନକିଣିବା ପାଇଁ କହି ମହିଳାଙ୍କୁ ଅଟ୍ଟହାସ୍ୟ କରୁଛି । ନୟାଗଡ଼ ବିଧାୟକ ଡ. ସାହୁ ତାଙ୍କ ବକ୍ତବ୍ୟରେ ମାଟିରୁ ଆକାଶ ଯେତିକି ଉଚ୍ଚା, ମା'ର ସମ୍ମାନ ସେତିକି ଉଚ୍ଚା ବୋଲି କହିଥିଲେ । ମହିଳା ଅଧିକାରକୁ ବିଜେପି ସରକାର କ୍ଷୁର୍ଣ୍ଣ କରିବାରେ ଲାଗିଛି ବୋଲି କହିଥିଲେ । ମହିଳାଙ୍କୁ ବର୍ଷକୁ ୫୦ ହଜାର ଦେବାକୁ କହି ସୁଭଦ୍ରା ଯୋଜନା ଆଳରେ ଠକିଥିବା କହିଥିଲେ । ନବୀନ ସରକାର ମହିଳାଙ୍କୁ ବିଶ୍ୱରେ ପରିଚିତ କରିବା ପାଇଁ ଦୁବାଇ ଭଳି ଦେଶକୁ ପଠାଇ ଶିକ୍ଷଣୀୟ ବ୍ୟବସ୍ଥା କରାଇଥିଲେ । ବିଶ୍ୱ ସ୍ତରରେ ଓଡ଼ିଶାର ମା ମାନଙ୍କୁ ପରିଚିତ କରୁଥିଲେ । ଛାତ୍ର ସଭାପତି ସାହୁ, ଡବଲ ଇଞ୍ଜିନ ସରକାରକୁ ଟାର୍ଗେଟ କରିବା ସହ ନାରୀକୁ ଦିଆଯାଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ । ନାରୀ ଶକ୍ତିର ଝଡ଼ ଆସିଲେ ସିଂହାସନ ଟଳମଳ ହେବ ବୋଲି କହିଥିଲେ । ଏହି ବୈଠକରେ ରାଜ୍ୟ ମହିଳା ବିଜେଡି ସମ୍ପାଦିକା ତୃପ୍ତିରାଣୀ ପଟ୍ଟନାୟକ, ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଜିଲ୍ଲା ପରିଷଦ ଝିଲ୍ଲୀ ପ୍ରଧାନ, ସାଗରବାଳା ବରାଡ଼, ସ୍ୱପ୍ନେଶ୍ୱରୀ ସେଠୀ, ଅଳକା ମଞ୍ଜରୀ ନାୟକ, କାମିନୀ ନାୟକ, ସଂନ୍ଧ୍ୟାରାଣୀ ଜେନା, ଦୀପିକା ସେଠୀ, ନିବେଦିତା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଭଞ୍ଜକିଶୋର ମହାପାତ୍ର, ଓଡ଼ଗାଁ ବ୍ଲକ ବିଜେଡି ସଭାପତି ନିତ୍ୟାନନ୍ଦ ପ୍ରଧାନ, ଓଡ଼ଗାଁ ବ୍ଲକ ମହିଳା ସଭାନେତ୍ରୀ ନିବେଦିତା ଦାଶ, ନୟାଗଡ଼ ପୌର ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ସୁବାଷ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ରଙ୍କ ସମେତ ବହୁ ସରପଂଚ, ସମିତିସଭ୍ୟ ଉପସ୍ଥିତ ରହିଥିଲେ ।

# ଅଡ଼ାରେ ନାରୀ ଅଧିକାର ଅଭିଯାନ ସମାବେଶ

ଖଇରା(ନିପ୍ର): ବାଲେଶ୍ୱର ଜିଲାର ଖଇରା ସିମୁଳିଆ ସୀମାନ୍ତ ବର୍ତୀ ଅଡା କାଳିମଣ୍ଡପ ନିକଟରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଜେଡି ମହିଳା ସମାବେଶରେ ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗୀନୀ ଛୁରିଆ ଯୋଗ ଦେଇ ବକ୍ତବ୍ୟରେ ବିଜୁବାବୁଙ୍କ ସ୍ୱପ୍ନ ଗାଁକୁ କାମ ମାକୁ ସମ୍ମାନ ସ୍ଲୋଗାନକୁ କୁ ପାଥେୟ କରି ନବୀନ ବାବୁ ଆଉ ୨ପାଦ ଆଗକୁ ନେଇ ସେମାନଙ୍କ ପାଇଁ ପଂଚାୟତିରାଜ ଶାସନ ବ୍ୟାବସ୍ଥାରେ ୫୦ ପ୍ରତିଶତ ସଂରକ୍ଷଣ ଦେଇଥିଲେ । ମହିଳା ମାନଙ୍କୁ ପ୍ରଶିକ୍ଷଣ ପାଇଁ ଉଡାଜାହାଜରେ ଦୁବାଇ ପଠାଇ ଥିଲେ । ହେଲେ ବର୍ତମାନର ମୋହନ ସରକାର ନିର୍ବାଚନ ବେଳର ସବୁ ପ୍ରତିଶୃତି ଭୁଲି ମହିଳା ଙ୍କୁ କିଛି ଟଙ୍କା ଦେଇ ଛେଳି



ଚରାଇବାକୁ ପ୍ରୋତ୍ସାହିତ କରୁଛନ୍ତି । ଏଣୁ ମୋହନ ସରକାର ଅମଳରେ ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ ହୋଇଛି ବୋଲି ପ୍ରକାଶ କରିଛନ୍ତି । ରବିବାର ବିଜେଡି ବ୍ଲକ ମହିଳା ସଭାପତି ଜୟନ୍ତୀ ମହଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ସଭାପତିଙ୍କ ବ୍ୟତିତବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସୋର ବିଧାୟକ ମାଧବ ଧଡା, ନିଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୁପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ବସ୍ତା ବିଜେଡି ମୁଖ୍ୟ ମହାଦେବ ଦାସ ପ୍ରମୁଖ ଯୋଗଦେଇ ବିଜେପି ସରକାର ଅମଳରେ ପ୍ରତ୍ୟେକ ଦିନ ବିଚ ରାସ୍ତାରେ ମହିଳାଙ୍କୁ ନିର୍ଯ୍ୟାତନା ମିଳୁଛି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି । ଆଗାମୀ ପଂଚାୟତ ନିର୍ବାଚନ ସେମାନଙ୍କୁ ଏହାର ଜବାବ ଦେବାର ସମୟ ଆସିଛି ବୋଲି ପ୍ରକାଶ କରିଥିଲେ । ଉକ୍ତ ସଭାରେ ପୁର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ଜିଲା ପରିଷଦ ସଦସ୍ୟା ସୁଷମା ମହାପାତ୍ର, ରଶ୍ମିତା ମହାପାତ୍ର ଓ ସାବିତ୍ରୀ ପାଢୀ, ଜୟନ୍ତୀ ପତି, ସିମୁଳିଆ ବ୍ଲକ ମହିଳା ସଭାପତି ସୌଦାମିନ ଜେନା, ମଧୁଛନ୍ଦା ମହାପାତ୍ର, ରେମୁଣା ବିଧାୟିକା ପ୍ରାର୍ଥିନୀ ବିଦ୍ୟାସ୍ମିତା ମହାଳିକ, ବିଷ୍ଣୁପ୍ରିୟା ବୁଗୁଡେଇ, ସ୍ଥାନୀୟ ସରପଂଚ ମନ୍ଦାକିନୀ ଦାସ ପ୍ରମୁଖ ମଂଚାସୀନ ଥିଲେ । ଖଇରା ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ଦାସ ଓ ସିମୁଳିଆ ବ୍ଲକ ସଭାପତି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ । ପ୍ରଥମେ ମହିଳାଙ୍କର ବିଶାଳ ଶୋଭାଯାତ୍ରା ମେଡିକାଲ ନିକଟରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ମଂଚ ନିକଟକୁ ଆସିଥିଲା ।

# ଟାଟା ଷ୍ଟିଲ ଫାଉଣ୍ଡେସନ "ଆସ୍ୱାୟାର"ରେ ନିଯୁକ୍ତିକୁ ନେଇ ଅଭିଯୋଗ

କଳିଙ୍ଗନଗର/ସୁକିନ୍ଦା(ନିପ୍ର): ଟାଟା ଷ୍ଟିଲ ଫାଉଣ୍ଡେସନ ପରିଚାଳିତ "ଆସ୍ୱାୟାର" ସଂସ୍ଥାରେ ଦୈତ ନିଯୁକ୍ତି ଓ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ସୁକିନ୍ଦା ବ୍ଲକ ଶିକ୍ଷା ବିଭାଗ ଅଧୀନ ଦିବ୍ୟାଙ୍ଗ ବିଭାଗରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀ ସରକାରୀ ସୁବିଧା ସହିତ ସମାନ ସମୟରେ "ଆସ୍ୱାୟାର"ରେ ମଧ୍ୟ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଓ ଅସନ୍ତୋଷ ବୃଦ୍ଧି ପାଉଛି । ଅଭିଯୋଗ ଅନୁଯାୟୀ, ସୁନିତା ବାରିକ ନାମକ ମହିଳା ସୁକିନ୍ଦା ବ୍ଲକର ସଂସାଇଲୋ କ୍ଲଷ୍ଟର ଅଧୀନରେ ଦିବ୍ୟାଙ୍ଗ ଶିଶୁମାନଙ୍କ ପାଇଁ ସରକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ, ସେହି ସମୟରେ ଟାଟା ଷ୍ଟିଲ ଫାଉଣ୍ଡେସନ ଅଧୀନ "ଆସ୍ୱାୟାର"ର ଓଲିଆ ଗ୍ରାମପଂଚାୟତର କମ୍ୟୁନିଟି ମୋବିଲାଇଜର ଭାବେ ୨୦୧୫-୧୬ ମସିହାରୁ କାର୍ଯ୍ୟ କରି ଦରମା ଓ ଇପିଏଫ ସୁବିଧା ନେଇଥିବା ଅଭିଯୋଗ ହେଉଛି । ସ୍ଥାନୀୟ ମହଲରେ ପ୍ରଶ୍ନ ଉଠୁଛି ଯେ, ଏତେ ବର୍ଷ ଧରି ଦୈତ ନିଯୁକ୍ତି ଥିବା ସତ୍ୱେ ସଂସ୍ଥାର ଉଚ୍ଚ ଅଧିକାରୀ କିମ୍ବା ବ୍ଲକ ପ୍ରଶାସନ କିପରି ଏହା ସମ୍ପର୍କରେ ଅବଗତ ହେଲେ ନାହିଁ । କେତେକ ମହଲ ଏହାର ନିଷ୍ପକ୍ଷ ତଦନ୍ତ ଦାବି କରିଛନ୍ତି । ଏହା ପୂର୍ବରୁ ମଧ୍ୟ ଦାନଗଦି ବ୍ଲକର ଜଣେ ମହିଳା ଏକାଧାରରେ "ଆସ୍ୱାୟାର" ଶିକ୍ଷକ ଓ ମିଶନ ଶକ୍ତି ବିଭାଗର ସିଆରପି ଭାବେ କାର୍ଯ୍ୟ କରୁଥିବା ଘଟଣା ପ୍ରକାଶ ପାଇବା ପରେ ସଂସ୍ଥା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଚର୍ଚ୍ଚା ହୋଇଥିଲା । ସୂଚନା ଅନୁସାରେ, "ଆସ୍ୱାୟାର"ରେ ଏଭଳି ଦୈତ ନିଯୁକ୍ତିର ଅଭିଯୋଗ ଏକାଧିକ କର୍ମଚାରୀଙ୍କ ବିରୋଧରେ ମଧ୍ୟ ରହିଛି । କେତେକ କର୍ମଚାରୀ ସ୍ଥାନୀୟ କାରଖାନା, ବୀମା କମ୍ପାନୀ ଓ ଅନ୍ୟ ସଂସ୍ଥାରେ କାର୍ଯ୍ୟରତ ଥିବା ସତ୍ୱେ "ଆସ୍ୱାୟାର"ରେ ନିଯୁକ୍ତି ପାଇଥିବା ଅଭିଯୋଗ ହେଉଛି । ଅନ୍ୟପଟେ, ଗତବର୍ଷ କଳିଙ୍ଗନଗର ଗସ୍ତ ସମୟରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦେବା ନେଇ ବଡ଼ ଘୋଷଣା କରାଯାଇଥିବା ବେଳେ, ସୁକିନ୍ଦା ଅଂଚଳରୁ ୬୦ରୁ ଅଧିକ ଯୁବକ-ଯୁବତୀଙ୍କୁ ବିନା ନୋଟିସରେ ଛଟେଇ କରାଯାଇଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି । ସଂସ୍ଥାରେ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ନଥିବା ସହ ପରିବାରବାଦ ଓ ପକ୍ଷପାତିତ୍ୱ ଅଭିଯୋଗ ମଧ୍ୟ ଉଠିଛି । ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ, ସଂସ୍ଥାର କେତେକ ପଦବୀରେ ଏକେ ପରିବାରର ଏକାଧିକ ସଦସ୍ୟ କାର୍ଯ୍ୟରତ ଅଛନ୍ତି । ଏହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି ଯେ, "ଏଥିକ୍ସ" ଓ ସ୍ୱଚ୍ଛତାର କଥା କହୁଥିବା ଟାଟା ଷ୍ଟିଲ ଫାଉଣ୍ଡେସନ ଏଭଳି ଅଭିଯୋଗ ଉପରେ କେବେ ଓ କିପରି ପଦକ୍ଷେପ ନେବ । ଦୈତ ନିଯୁକ୍ତି ଅଭିଯୋଗରେ ଜଡିତ କର୍ମଚାରୀଙ୍କ ବିରୋଧରେ ସଂସ୍ଥା କଣ କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।



# ରାସ୍ତା ଅତିକ୍ରମ କରୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବେତନଟୀ,(ନି.ପ୍ର): ୧୮ ନମ୍ବର ଜାତୀୟ ରାଜପଥର କେସିପୁର ନିକଟରେ ରାସ୍ତା ଅତିକ୍ରମ କରୁଥିବା ସମୟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିବାରୁ ଜଣେ ୨୩ ବର୍ଷୀୟ ଯୁବକର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକ ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ସୁରେଇଡ଼ିହି ଗ୍ରାମର ଗୁରୁଚରଣ ବିନ୍ଧାଣିଙ୍କ ପୁତ୍ର ରାମ ବିନ୍ଧାଣି । ପରିବାରର ଅଭିଯୋଗ ଅନୁଯାୟୀ, ରାମ ବାଇକ୍ ?ରେ ଘରକୁ ଫେରୁଥିବା ସମୟରେ ରାସ୍ତା ଅତିକ୍ରମ ପାଇଁ ଅପେକ୍ଷା କରୁଥିଲେ । ସେହି ସମୟରେ ଗୋଟିଏ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ କେସିପୁର ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ବେତନଟୀ ପୁଲିସ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରିଛି । କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ରତ୍ନାକର ବାରିକ ୨୧୫ ନମ୍ବର ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି । ଧକ୍କା ଦେଇ ଫେରାର ହୋଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି । ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଇଥିବା ଅଜଣା ଗାଡି କୁ ଠାବ କରି ଦୋଷୀକୁ ଶୀଘ୍ର ଗିରଫ କରିବାକୁ ପୁଲିସ ପ୍ରଶାସନକୁ ଦାବି କରିଛନ୍ତି ।

# ଖାଲରେ ବୁଡ଼ି ଯୁବକର ମୃତ୍ୟୁ ଶୌଚ ପାଇଁ ଯାଇଥିବା ସମୟରେ ଦୁର୍ଘଟଣା

ବେତନଟୀ, (ନି.ପ୍ର.)): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ହାତୀକୋଟ ପଂଚାୟତ ଖସାଡ଼ିହି ଗ୍ରାମରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି । ଘର ପାଖ ଖାଲରେ ଶୌଚ କରିବାକୁ ଯାଇଥିବା ଜଣେ ଯୁବକ ପାଣିରେ ବୁଡ଼ି ଯାଇ ମୃତ୍ୟୁବରଣ କରିଛନ୍ତି ।

ମୃତକ ହେଉଛନ୍ତି ଖସାଡ଼ିହି ଗ୍ରାମର ସ୍ୱର୍ଗତ ପରେଶ ମହାନ୍ତଙ୍କ ପୁତ୍ର କମଳ ମହାନ୍ତ (୪୯) । ସୂଚନା ଅନୁଯାୟୀ, ଶନିବାର ଦିନ କମଳ ଘର ପାଖରେ ଥିବା ଖାଲକୁ ଶୌଚ ପାଇଁ ଯାଇଥିଲେ । ସେଠାରେ କୌଣସି କାରଣରୁ ଭାରସାମ୍ୟ ହରାଇ ପାଣିରେ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ତାଙ୍କୁ ଖାଲ ଭିତରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରିଥିଲେ । ତାଙ୍କୁ ତୁରନ୍ତ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନେଇ ଯାଇଥିଲେ, କିନ୍ତୁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ କୃଷ୍ଣଚନ୍ଦ୍ରପୁର ପାଣ୍ଡି ଅଧିକାରୀ ଏଏସଆଇ ରତ୍ନାକର ବାରିକ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

# ମିରର୍ ଥିଏଟର ପକ୍ଷରୁ ନାଟ୍ୟ କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.)ବେଲପାହାଡ଼ର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ମିରର୍ ଥିଏଟର ପକ୍ଷରୁ ଏକଦିବସୀୟ ନାଟ୍ୟ କର୍ମଶାଳା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆଭାସୀ ମାଧ୍ୟମରେ ଆୟୋଜିତ ଏହି ନାଟ୍ୟ କର୍ମଶାଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୬୩ ଜଣ କଳାକାର ଯୋଗଦେଇଥିଲେ ।କର୍ମଶାଳାରେ ପ୍ରଖ୍ୟାତ ସିନେମା ଓ ମଂଚ ଅଭିନେତା ତଥା ଏନ୍ଏସ୍ଡିଆନ୍ ଜଗନ୍ନାଥ ସେଠ ଅଭିନୟର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ହାଇଦ୍ରାବାଦର ଗଣେଶ ପାଢ଼ି ନାଟକରେ ସ୍ୱର ଓ ଧ୍ୱନିର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ ।ସେହିପରି ଗୌରୀଶଙ୍କର କୁମ୍ଭାର ନାଟକରେ ସଙ୍ଗୀତର ପ୍ରୟୋଗ ଓ ତାହାର ଗୁରୁତ୍ୱ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିବା ବେଳେ ବଲାଙ୍ଗୀରର ଡକ୍ଟର ଶ୍ୟାମସୁନ୍ଦର ପାଣ୍ଡେ ମଂଚ ଶିଳ୍ପ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ମଂଚ ଅଭିନେତା ସନ୍ତୋଷ ସାହୁ ଅଭିନୟ କଳାର ବିଭିନ୍ନ ପ୍ରାସଙ୍ଗିକ ଦିଗ ସମ୍ପର୍କରେ କଳାକାରମାନଙ୍କୁ ଅବଗତ କରାଇଥିଲେ । ଏହି କର୍ମଶାଳାକୁ ସୌଭାଗ୍ୟ ରଞ୍ଜନ ସାହୁ ପରିଚାଳନା କରିଥିଲେ । ଡକ୍ଟର ସୁଭାଷ ଚନ୍ଦ୍ର ପ୍ରଧାନ ଏହାର ଆୟୋଜନ କରିଥିବା ବେଳେ ବିନୟ ପ୍ରଧାନ, ଆଲୋକ ସାହୁ, ଆଜାଦ ଦୁବେ, ରିଙ୍କୁ ସାହୁ ଓ ଭବେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । କର୍ମଶାଳାଟି ନାଟ୍ୟପ୍ରେମୀ ଓ ଯୁବ କଳାକାରମାନଙ୍କ ମଧ୍ୟରେ ଭାରି ଉତ୍ସାହ ସୃଷ୍ଟି କରିଥିଲା ।

# ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ



ନୀଳଗିରି,(ନି.ପ୍ର.) ନୀଳଗିରି ବିଜେପି କାରର୍ଯ୍ୟାଳୟ ଆଜି ପୂର୍ବାହ୍ନ ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଏହି ସମ୍ମିଳନୀରେ ଦୁଇଟି ବିଷୟ ଉପରେ ଆଲୋକପାତ କରିଛନ୍ତି । ଏସ୍ ?.ଆଇ.ଆର. ଓ ଏସ.ଏସ ଆର. ଦୁଇଟି ବିଷୟ ଉପରେ ଆଲୋଚନା କରି ସାମ୍ବାଦିକ ସମ୍ମିଳନୀ ରେ କହି ଥିଲେ ଯେ,ପ୍ରତିବର୍ଷ ଭୋଟର୍ ଲିଷ୍ଟ ରେ ସଂଶୋଧନ ହୁଏ । ତାହା ସ୍ପେସିଆଲ ସମର ରିଭିଜନ ଅଟେ । ଯାହା ୨୦୦୨ ମସିହା ରେ ହୋଇଥିଲା ତାହା ୨୦୨୬ ମସିହାରେ ହେବାକୁ ଥିବା ସ୍ପେସିଆଲ ଇନଟେନସନ୍ ରିଭିଜନ ହେବାକୁ ଯାଉଛି । ସବୁଠାରୁ ବଡ କଥା ମଧ୍ୟ ପ୍ରାଚ୍ୟ ରେ ଯେଭଳି ଭାବେ ଯୁଦ୍ଧ ଲାଗି ରହିଛି, ସେଥି ପାଇଁ ଦେଶରେ ତୈଳ ସଙ୍କଟ ଦେଖାଦେଇଛି । ସେହି ତୈଳ ସଙ୍କଟ କୁ ଆଖିରେରଖି,ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଆହ୍ୱାନରେ ସମସ୍ତ ଦେଶ ବାସୀଙ୍କୁ ତୈଳ ବ୍ୟବହାରକମ୍ କରିବା ପାଇଁ ଉପଦେଶ ଦେଇଛନ୍ତି । ସେହି ଆଧାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ବାସୀଙ୍କୁ ଅବଗତ କରାଇବା ସହିତ ରାଜ୍ୟ ରେ ସବୁ କ୍ଷେତ୍ର ରେ ତୈଳ ବ୍ୟବହାର କମ୍ କରିବା ପାଇଁ ନିବେଦନ କରିଛନ୍ତି ।ତାଙ୍କର ଅପିଲ ରହିଛି ଏ ତୈଳ ସଙ୍କଟ କେବଳ ତୈଳ ବ୍ୟବହାର ପାଇଁ ନୁହେଁ ତୈଳ ସଙ୍କଟ ରୋକିବା ପାଇଁ ଦେଶର ଅର୍ଥ ନୈତିକ ଉନ୍ନତି ହେବା ର ଜରୁରୀ ଆବଶ୍ୟକତା ଥିବାରୁ ଇନ୍ଧନ କମ୍ ଖର୍ଚ୍ଚ କରିବାର ପ୍ରାଥମିକତା ରହିଛି । ସେଥି ପାଇଁ ପ୍ରଧାମନ୍ତ୍ରୀଙ୍କ କାର୍କେଟ୍ କମା ଯାଇଛି ।ସେହି ପରି ମୁଖ୍ୟମନ୍ତ୍ରୀଙ୍କ କାର୍କେଟ୍ ମଧ କମାଯାଇଛି । ସରକାର ଙ୍କ ପକ୍ଷରୁ ଆଠ ସୁତ୍ରୀ ମାର୍ଗଦର୍ଶିକା ଜାରି କରିଛନ୍ତି । ଏଥିରେ ମୁଖ୍ୟତଃ ରହିଛି ଯେଉଁ ଅଫିସର୍ ମାନେ ଯେଉଁ ଯେଉଁ ସମୀକ୍ଷାକୁ ଯାଉଛନ୍ତି ,ନିହାତି ଆବଶ୍ୟକ ନ ଥିଲେ,ତାକୁ ଭର୍ଚୁଆଲ ମୋଡ ରେ କରି ପାରିବେ । ଯଦି କୌଣଷି ମିଟିଂ କୁ ଯାଉଛନ୍ତି ସେମାନେ ଗୋଟିଏ ଗାଡ଼ିରେ ଯାଇପାରିବେ । ସେମାନେ ଚେଷ୍ଟା କରିବେ ଜୁନ୍ ୧ ତାରିଖ ପାଖରୁ ଇଭି ଗାଡ଼ି ପ୍ରସ୍ତୁତ କରି ବ୍ୟବହାର ପାଇଁ ଚେଷ୍ଟା କରିବେ । ଯେଉଁ ଗାଡି ଭଡ଼ା ସୂତ୍ରରେ ଆସିଛି ସେହି ଭଡ଼ା ଗାଡ଼ିକୁ ରଦ୍ଧ କରି ନୂଆ ଇଭି ଗାଡ଼ି ତୈଳ ସଙ୍କଟ କମାଇବା ପାଇଁ ସେମାନେ ବ୍ୟବହାର କରିପାରିବେ । ଦେଶର ତୈଳ ସଙ୍କଟ ରୋକିବା ସହିତ ଦେଶର ଅର୍ଥ ନୈତିକ ସଙ୍କଟ ଦୂର ହେବ । ସେହି ଭଳି ଭାରତର ଲୋକ ମାନେ ସୁନା ବହୁତ୍ ବ୍ୟବହାର କରିଥାନ୍ତି । ଆମର ଦେଶରେ ଅର୍ଥ ନୀତି କୁ ସୁଦୃଢ କରିବା ପାଇଁ ଆମେ ସୁନା କିଣିବା କମାଇବା ଓ ତୈଳ ଇନ୍ଧନ ର ବ୍ୟବହାର କମାଇବା ପାଇଁ ସେ ନିବେଦନ୍ କରିଛନ୍ତି ।

# ଖୋର୍ଦ୍ଧାରେ ନବବଧୂଙ୍କ ହତ୍ୟା ଅଭିଯୋଗ !

ଖୋର୍ଦ୍ଧା, (ହି.ସ.) ଖୋର୍ଦ୍ଧା,ପାଦରୁ ଅଳତା ଲିଭିବା ଆଗରୁ ନବବଧୁର ଜୀବନ ଦୀପ ସବୁଦିନ ପାଇଁ ଲିଭିଗଲା । ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନ ତରାପି ଗ୍ରାମରେ । ମୃତକ ପୁର୍ଣ୍ଣମା ତରାଇଙ୍କ ବାପଘର ଘର ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ହରିପୁର ପଂଚାୟତ ଅଧିନ ପରବଳ ଗ୍ରାମରେ । ଗତ ୨୭/୪/୨୬ରେ ମୃତକ ତରାପି ଗ୍ରାମର ଗୁରୁଚରଣ ତରାଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ସବୁ ଠିକଠାକ ଥିବା ବେଳେ ଗତକାଲି ନବବଧୂ ଶାଶୂଘରେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକ କହୁଥିବା ବେଳେ ବାପଘର ଲୋକ ଅଭିଯୋଗ ଆଣିଛନ୍ତି ଝିଅକୁ ହତ୍ୟା କରିଛନ୍ତି ସ୍ୱାମୀର ପରିବାର ଲୋକେ । ଟାଙ୍ଗୀ ପୋଲିସ ସହିତ ଖୋର୍ଦ୍ଧା ରୁ ଆସିଥିବା ସାଇ[ଫିକ ଟିମ ତଦନ୍ତ ଆରମ୍ଭ କରିଛି । ଅନ୍ୟ ପଟେ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ । ନବବଧୂ ଙ୍କ ଅଭିଯୋଗ ଝିଅକୁ ମାରି ଟଙ୍ଗେଇ ଦେଇଛନ୍ତି । ଏଣୁ ପୋଲିସ ସଠିକ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ଝିଅର ପରିବାର ଓ ଗ୍ରାମବାସୀ ।

# କଟକ ଜିଲ୍ଲାରେ ଏପର୍ଯ୍ୟନ୍ତ ଏନଏସଏରେ ୪ ଜଣ ଅଟକ

କଟକ (ନି. ପ୍ର.)-୨୪. ୦୫. ୨୦୨୬ରିଖ : ଚଳିତ ବର୍ଷ ବର୍ତମାନ ସୁଦ୍ଧା କଟକରେ ଜାତୀୟ ନିରାପତା ଆଇନ ଅଧୀନରେ ୪ଜଣଙ୍କୁ ଅଟକ ରଖାଯାଇଛି । ପୂର୍ବରୁ, ୨୪. ୦୧. ୨୦୨୫ରେ ମାଣିଆବନ୍ଧ ଥାନା ଅଧିନସ୍ଥ ଶ୍ରୀକାନ୍ତ ଜେନା ଏବଂ ୧୮. ୦୨. ୨୦୨୬ରେ ରେ ତିଗିରିଆ ଥାନା ଅଧିନସ୍ଥ ସକିଲ ଖାନଙ୍କୁ ଜାତୀୟ ନିରାପତା ଆଇନ ଅଧୀନରେ ଅଟକ ରଖାଯାଇଥିବାବେଳେ ୨୩. ୦୫. ୨୦୨୬ରେ କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମର (ବାପି) ଜ୍ୟୋତି ସମ୍ରାଟ ପ୍ରହରାଜ ଏବଂ (ଜେପି)ଜ୍ୟୋତି ପ୍ରକାଶ ପ୍ରହରାଜଙ୍କୁ ଜାତୀୟ ନିରାପତା ଆଇନ ଅଧୀନରେ ବୁକ୍ କରାଯାଇଛି । ଏହି ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଆକ୍ରମଣ, ଦଙ୍ଗା, ଅପରାଧିକ ଧମକ, ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ, ଡକାୟତି, ହତ୍ୟା ପ୍ରୟାସ, ହତ୍ୟା ଏବଂ ଅସ୍ତ୍ରଶସ୍ତ୍ର ଆଇନ ମାମଲା ସମେତ ବହୁ ଅପରାଧିକ ମାମଲାରେ ଜଡିତ । ଥାନା କେସ (ଚ୍ଝ ଉବସ୍ଥର) ନ.୧୦୦ଅନୁଯାୟୀ ଗତ ତା ୩୦-୫-୨୫ରିଖରେ ଧାରା ୨୯୬/୧୧୫(୨)/ ୧୦୯(୧)/୩୫୧/(୩)/୩(୫),ଭାରତୀୟ ନ୍ୟାୟ ସଂହିତା (ଇଘଝ), ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଝଉ ଓ ଝଞ(ଚଙଇ), ଲାଗୁହୋଇ ତାଙ୍କୁ ଜେଲ ବନ୍ଦୀ କରାଯାଇଥିଲା ଏବଂ ତା୩୧-୫-୩୫ରିଖରେ କୋର୍ଟ ଚାଲାଣ କରାଯାଇଥିଲା ସଂଗଠିତ ଅପରାଧ ବିଶେଷକରି ଲଘୁ ଖଣିଜ ପଦାର୍ଥ ଚୋରି ସହିତ ଜଡିତ ସମାଜ ବିରୋଧୀମାନଙ୍କୁ ଘଝଇ ଅଧୀନରେ ବୁକ୍ କରିବା ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ (ଉଖଞର) ଦ୍ୱାରା ଯାଂଚ କରାଯାଉଛି ।

# ସ୍ୱଦେଶୀ ଜାଗରଣ ମଂଚର ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା,(ନି.ପ୍ର) :ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସରସ୍ୱତୀ ବିଦ୍ୟା ମନ୍ଦିର ସଭା କକ୍ଷ ପରିସରରେ ଓଡ଼ିଶା ପଶ୍ଚିମ ସ୍ୱଦେଶୀ ଜାଗରଣ ମଂଚ ନୂଆପଡା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ନାଏକ, କଳାହାଣ୍ଡି, ନୂଆପଡା ଓ ରାୟଗଡ଼ା ତିନିଟି ଜିଲ୍ଲାର ବିଭାଗ ସଂଯୋଜକ ନକୁଳ ନାଏକ, ଖଡ଼ିଆଳ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଜଗଦୀଶ ପୁଟେଲ, ଜିଲ୍ଲା ସଂଯୋଜକ ନୂଆପଡା ଶ୍ରୀବସ୍ତ ବାରିକ ମଂଚ ଆସିନ ରହି ସ୍ୱଦେଶୀ ଜିନିଷ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ମଧ ପ୍ରାଚୀ ରେ ଯୁଦ୍ଧ ଚାଲୁ



ଥିବାରୁ ପେଟ୍ରୋଲ ଡିଜେଲ ସଙ୍କଟ ହେବାର ସମ୍ଭାବନା କୁ ଆଖି ଆଗରେ ରଖି ପ୍ରତ୍ୟେକ ବ୍ୟବହାର ସାମଗ୍ରୀକୁ କମ ବ୍ୟବହାର ସହ ସ୍ୱଦେଶୀ କୁ ଆପଣେଇ ଲେ ଦେଶର ମୁଦ୍ରା ସଂଚୟ ବଢ଼ାଇବାରେ ସହାୟକ ହୋଇ ପାରିବ ବୋଲି ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି ତାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱଦେଶୀ ଜାଗରଣ ମଂଚ ପକ୍ଷରୁ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମରେ ଏକାତ୍ମ ସଂସ୍କୃତି ପରିଷଦର ସମ୍ପାଦକ ଭାନୁଚନ୍ଦ୍ର ସୁନାନୀ , ଧର୍ମ ଜାଗରଣ ମଂଚର ସଂଯୋଜକ ସୁରେଶ କୁମାର ହଟୱାର , ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟ ବିକ୍ରମ ଅଗ୍ରୱାଲ , ଗୁରୁଜୀ ସଦାନନ୍ଦ ବାଗ ଉମେଶ ଚନ୍ଦ୍ର ନାଏକ, ସ୍ୱେଚ୍ଛାସେବୀ ଗ୍ରାମ ସମୃଦ୍ଧି ଟ୍ରଷ୍ଟ ଭୁପେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରୀୟ ଭତା ବନ୍ଦ: ଧାମନଗର ବ୍ଲକର ୯ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ହନ୍ତସନ୍ତ



ଧାମନଗର,(ନି.ପ୍ର.): ରାଜ୍ୟରେ ସାମାଜିକ ସୁରକ୍ଷା ଅଧୀନରେ ବିଭିନ୍ନ ପ୍ରକାରର ଭତା ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମିଳୁଥିବା ଭତା ବନ୍ଦ ଯୋଗୁଁ ଧାମନଗର ବ୍ଲକରେ ପ୍ରବଳ ଜନ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର ଓ ଆଧାର ଏନାବୁଲଡ ପେମେ[ ସିଷ୍ଟମ ମାଧ୍ୟମରେ ମିଳୁଥିବା ଏହି ଭତା ଟଙ୍କା ଗତ ଦୁଇ ମାସ ହେଲା ହିତାଧିକାରୀଙ୍କ ବ୍ୟାଙ୍କ କିମ୍ବା ପୋଷ୍ଟାଲ ଆକାଉ[କୁ ଆସୁନାହିଁ । ଫଳରେ ଭତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମମାନେ ଚରମ ହଇରାଣ ହେଉଛନ୍ତୀ । । ବିଶେଷ କରି ଚଳିତ ମାସରେ ବାହାଘର, ବ୍ରତଘର ଏବଂ ଓଡ଼ିଆଙ୍କ ବଡ଼ ପର୍ବ 'ସାବିତ୍ରୀ ବ୍ରତ' ଥିବାରୁ, ଅସହାୟ ବୃଦ୍ଧବୃଦ୍ଧା ମାନେ ଝିଅ ଘରକୁ ସାବିତ୍ରୀ ଭାର ବେଭାର ଦେବା ପାଇଁ ଅନ୍ୟ ସାଧନ ନପାଇ ଗଭୀର ମାନସିକ ଚିନ୍ତାରେ ଗତି କରୁଛନ୍ତି ।ଧାମନଗର ବ୍ଲକରେ ମୋଟ ଦୁଇ ପ୍ରକାରର ଭତା ବ୍ୟବସ୍ଥା ଚାଲିଛି । ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ଏଠାରେ ୧୭,୧୭୯ ଜଣ ହିତାଧିକାରୀ ଅଛନ୍ତି । ସେମାନଙ୍କୁ ପ୍ରତି ମାସ ୧୫ ତାରିଖ 'ଜନସେବା ଦିବସ'ରେ ପଂଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଓ ୱାର୍ଡ ମେମ୍ବରଙ୍କ ଉପସ୍ଥିତିରେ ନିୟମିତ ନଗଦ ଟଙ୍କା ବ[ନ କରାଯାଉଛି । କେବେ କେବେ ଏଥିରେ ୫-୭ ଦିନ ବିଳମ୍ବ ହେଲେ ମଧ ସେମାନେ ଟଙ୍କା ପାଉଛନ୍ତି । ଅପରପକ୍ଷେ, କେନ୍ଦ୍ର ସରକାରଙ୍କ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ୯,୨୮୬ ଜଣ ହିତାଧିକାରୀ ରହିଛନ୍ତି, ସେଥି ମଧ୍ୟରୁ୧୪୪୦ ଜଣ ହିତାଧିକାରୀ ୩୫୦୦ ଟଙ୍କା ପାଉଛନ୍ତି । ଯେଉଁମାନେ ସମ୍ପୂର୍ଣ୍ଣ ଭାବେ ବ୍ୟାଙ୍କ ଖାତା ଉପରେ ନିର୍ଭରଶୀଳ ଏବଂ ଏବେ ସେମାନେ ହିଁ ଦୁର୍ଦ୍ଦଶା ଭୋଗୁଛନ୍ତି ।ତେବେ ଏପରି ଘଟଣା ନେଇ ବିଡ଼ିଓ ବନ ବିହାରୀ ଦିନ୍ଧା କହିଛନ୍ତି ଜେ କେନ୍ଦ୍ରୀୟ ଭତା ମିଳିବାରେ ବିଳମ୍ବ ହେଉଚି ତେବେ ଏହା ଭିତରେ ମିଳିଯିବ ବୋଲି କହିଥିଲେ ।

# ନୂଆପଡ଼ାରେ ଛତିଶଗଡ଼ରୁ ଓଡ଼ିଶାକୁ ଅବୈଧ ଧାନ ଚାଲାଣ ବେଳେ ୩୩ କ୍ୟୁଂଟାଲ ଧାନ ଜବତ

ନୂଆପଡା,(ନି.ପ୍ର) ନୂଆପଡା ଜିଲ୍ଲାରେ ଅବୈଧ ଧାନ ଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ସୀମାନ୍ତ ଅଂଚଳଗୁଡ଼ିକରେ କଡ଼ା ଯାଂଚ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଯୋଗାଣ ବିଭାଗ ଏନଫୋର୍ସମେ[ ସ୍କ୍ୱାଡ ପକ୍ଷରୁ ଆଜି ଓଡ଼ିଶା-ଛତିଶଗଡ଼ ସୀମାର ଖୋଲନା ଚେକପୋଷ୍ଟ ନିକଟ ଧରମବନ୍ଧା ଗ୍ରାମ ପାଖରେ ଏକ ଗାଡ଼ିରେ ଚଢ଼ାଉ କରାଯାଇ ୩୩.୭୮ କ୍ୱି[ାଲ ଧାନ ଜବତ କରାଯାଇଛି ।ସୂଚନା ଅନୁଯାୟୀ, ଉଏ ୦୪ ଖଔ ୪୫୫୨ ନମ୍ବର ବିଶିଷ୍ଟ ଏକ ଗାଡ଼ିରେ ଛତିଶଗଡ଼ରୁ ଅବୈଧ ଭାବେ ଧାନ ପରିବହନ କରାଯାଉଥିବା ଅଭିଯୋଗରେ ପୋଲିସ ଓ ଆରଏମସି କର୍ମଚାରୀମାନେ ଖୋଲନା ଚେକପୋଷ୍ଟ ନିକଟରେ ଗାଡ଼ିଟିକୁ ଅଟକାଇଥିଲେ । ପରେ ସିଭିଲ ସପ୍ଲାଇଜ ଏନଫୋର୍ସମେ[ ସ୍କ୍ୱାଡକୁ ସୂଚନା ଦିଆଯାଇଥିଲା । ଯାଂଚ ସମୟରେ ଗାଡ଼ିରୁ



୧୧୦ ବସ୍ତାରେ ପ୍ୟାକ୍ ହୋଇଥିବା ୩୩.୭୮ କ୍ୱି[ାଲ ଧାନ ଜବତ କରାଯାଇଥିଲା । ଗାଡ଼ିର ଚାଳକ ଛବି ମହାରଙ୍କୁ ପଚରାଉଚରା କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି ।ଏହି ଚଢ଼ାଉ କାର୍ଯ୍ୟରେ ସଦର ସହକାରୀ ଯୋଗାଣ ଅଧିକାରୀ ହୃଷୀକେଶ ନାୟକ, ନୂଆପଡା ଯୋଗାଣ ନିରୀକ୍ଷକ ସୁଭଶ୍ରୀ ଦାଶ ଓ କୋମନା ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ସିଭିଲ ସପ୍ଲାଇଜ ଏନଫୋର୍ସମେ[ ସ୍କ୍ୱାଡର କର୍ମଚାରୀମାନେ ସାମିଲ ଥିଲେ । ଜିଲ୍ଲାରେ ଅବୈଧ ଧାନ ଚାଲାଣକୁ ରୋକିବା ପାଇଁ ପୋଲିସ, ସିଭିଲ ସପ୍ଲାଇଜ ଓ ନିୟନ୍ତ୍ରିତ ବଜାର କମିଟି (ଜଗଉ) ପକ୍ଷରୁ ସମସ୍ତ ସୀମାନ୍ତ ଚେକପୋଷ୍ଟରେ ନିରନ୍ତର ଯାଂଚ ଓ ନଜରଦାରି ଜାରି ରହିଥିବା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି ।

# ଶ୍ରୀ ଜଗନ୍ନାଥ ଭିଜନ ଏକାଡେମୀ ପକ୍ଷରୁ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ସଜନାଗଡ଼(ନି.ପ୍ର.); ଯୁକ୍ତ ଦୁଇ ପରୀକ୍ଷାରେ ଶତପ୍ରତିଶତ ସଫଳତା କୁ ନେଇ ପ୍ରତିଭା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ସ୍ଥିତ ଶ୍ରୀ ଜଗନ୍ନାଥ ଭିଜନ ଏକାଡେମୀ ପକ୍ଷରୁ ଏକ ଭବ୍ୟ ପ୍ରତିଭା ପୁରସ୍କାର ଓ ସମ୍ବର୍ଦ୍ଧନା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଅନୁଷ୍ଠାନର ଯୁକ୍ତ ଦୁଇ ପରୀକ୍ଷାରେ ଅଭୂତପୂର୍ବ ସଫଳତା ମିଳିଥିବା ବେଳେ ଏହି ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ସ୍ୱତନ୍ତ୍ର ଆୱାର୍ଡ ପ୍ରଦାନ କରି ସମ୍ମାନିତ କରାଯାଇଛି । ଚଳିତ ଯୁକ୍ତ ଦୁଇ ପରୀକ୍ଷାରେ ଏକାଡେମୀର ମୋଟ ୪୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଅନୁଷ୍ଠାନର ରେକର୍ଡ ଶତପ୍ରତିଶତ (୧୦୦%) ସଫଳତା ମିଳିଛି । ଏଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀ ପ୍ରଥମ ସ୍ଥାନରେ ରେ ଉତୀର୍ଣ୍ଣ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି । ଚଳିତ ବର୍ଷର କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଷାପ୍ରିୟଦର୍ଶିନୀ ସେଠୀ ୫୧୬ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପୁଷ୍ପାଞ୍ଜଳି ବେହେରା ୪୬୭ ନମ୍ବର ସହ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି । ସେହିପରି ତନ୍ମୟ ନାୟକ ଓ ଦୀପିକା ଉଭୟ ୪୬୫ ନମ୍ବର ରଖି ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସମାରୋହରେ ଏହି ସମସ୍ତ କୃତୀ ପ୍ରତିଭାଙ୍କୁ ମାନପତ୍ର ଓ ସ୍ମାରକୀ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା । ଏହି ସମାରୋହରେ ଅନୁଷ୍ଠାନର ପରିଚାଳକ କୁମାର ଚନ୍ଦ୍ର ରାୟ ଏବଂ କମ୍ପିଟେଟିଭ ପରିଚାଳକ ପ୍ରଦୀପ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଏହି ଅସାଧାରଣ ସଫଳତାକୁ ଭୂୟସୀ ପ୍ରଶଂସା କରିଥିଲେ । ଏଥିସହ ଆଗାମୀ ଦିନରେ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଉପଯୁକ୍ତ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ଶେଷରେ ସମସ୍ତ ଅତିଥି, ଅଭିଭାବକ ଓ ସହଯୋଗୀଙ୍କୁ ଅନୁଷ୍ଠାନ ର ସଦସ୍ୟ ଉପସ୍ଥିତ ଥିବା ବେଳେ ଶେଷରେ ଆଲୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସବ୍‌ଡିଭିଜନାଲ୍ ଡାକ୍ତରଖାନା ମାନ୍ୟତା ଦାବି

ବେତନଟୀ,(ନି ପ୍ର): ଯୁବ ସମାଜସେବୀ ଅଜିତ କୁମାର ସାହୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସବ୍ ?ଡିଭିଜନାଲ୍ ଡାକ୍ତରଖାନାର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି । ସେ ଏହି ଦାବି ସହ ହସ୍ପିଟାଲ୍ ?ର ଶଯ୍ୟା ସଂଖ୍ୟା ୩୦ରୁ ୧୦୦କୁ ବୃଦ୍ଧି କରିବା ଏବଂ ପୂର୍ବ ସରକାରୀ ନିଷ୍ପତି ଅନୁଯାଇ ତୁରନ୍ତ ଟ୍ରମା ସେ[ର ପ୍ରତିଷ୍ଠା ପାଇଁ ମଧ ଗୁରୁତ୍ୱ ଦେଇଛନ୍ତି ।ବାରିପଦା ପି.ଆର.ଏମ୍ ମେଡିକାଲ୍ କଲେଜ୍ ? ଓ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଚିକିତ୍ସା ଅଧିକାରୀ ଡା. ଶଶିକାନ୍ତ ସେଠୀ ଗତ ମଙ୍ଗଳବାର ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବାକୁ ଆସିଥିଲେ । ସେହି ସମୟରେ ଅଜିତ କୁମାର ସାହୁ ଡାକ୍ତରଙ୍କୁ ସାକ୍ଷାତ କରି ବେତନଟୀ ଡାକ୍ତରଖାନାର ଉନ୍ନୟନ ପାଇଁ ଆଲୋଚନା କରିଥିଲେ । ସେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଂଚଳର ଭିତିଭୂମି, ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଥିବା ଆବଶ୍ୟକତା ଏବଂ ବର୍ତମାନର ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଥିଲେ । ବେତନଟୀ ସବ୍ ?ଡିଭିଜନ୍ ଅଂଚଳରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛଡା ପୋଲିସ୍ ସବ୍ ?ଡିଭିଜନାଲ୍ କାର୍ଯ୍ୟାଳୟ, ପିଡବ୍ଲୁଡି, ଆରଡି, ମାଇନର୍ ଇରିଗେସନ୍, ଇଲେକ୍ଟ୍ରିକାଲ୍ ସବ୍ ଡିଭିଜନ୍, ଟ୍ରେଜୁରୀ, ଆରଏମ୍ ?ସି, ଜିଲ୍ଲା କୃଷି କାର୍ଯ୍ୟାଳୟ, ଜେଏମଏଫସି କୋର୍ଟ୍ ଆଦି ଅନେକ ଗୁରୁତ୍ୱପୁର୍ଣ୍ଣ ପ୍ରଶାସନିକ କାର୍ଯ୍ୟାଳୟ ଥିବା ସତ୍ୱେ ସବ୍ ?ଡିଭିଜନାଲ୍ ଡାକ୍ତରଖାନାର ଅଭାବ ରହିଛି । ଏହା ବେତନଟୀ ସହ ଆଖପାଖ ବ୍ଲକ୍ ଯଥା ବଡ଼ସାହି, ମୋରଡ଼ା ଏବଂ ବାରିପଦା ବ୍ଲକ୍ ?ର ରୋଗୀଙ୍କ ପାଇଁ ମୁଖ୍ୟ ଚିକିତ୍ସା କେନ୍ଦ୍ର ଭାବେ କାର୍ଯ୍ୟ କରୁଛି ।

ବେତନଟୀ ବ୍ଲକ୍ ?ର ୨୪ଟି ଗ୍ରାମ ପଂଚାୟତ ସହ ଆଖପାଖ ଅଂଚଳର ରୋଗୀମାନେ ଏଠାରେ ଆସି ଚିକିତ୍ସା କରାଉଛନ୍ତି ।



ଫଳସ୍ୱରୂପ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନ୍ୟ ସ୍ଥାନ ତୁଳନାରେ ଅଧିକ ରୋଗୀଙ୍କ ଭିଡ଼ ଦେଖାଯାଉଛି । ମାତ୍ର ୩୦ଟି ଶଯ୍ୟା ଥିବା ସତ୍ୱେ ଅନେକ ସମୟରେ ରୋଗୀମାନେ ବେଡ୍ ନ ପାଇ ତଳେ ବେଡ୍ ବିଛାଇ ଚିକିତ୍ସା ହେଉଥିବା ଦୃଶ୍ୟ ଦେଖାଯାଉଛି । ଏହା ସହିତ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବାରୁ ଏହି ହସ୍ପିଟାଲ୍ ?କୁ ଟ୍ରମା ସେ[ର କରିବା ନେଇ ସରକାରୀ ନିଷ୍ପତି ଥିବା ସତ୍ୱେ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ମଧ ପ୍ରଶ୍ନ ଉଠାଇଛନ୍ତି ଅଜିତ ସାହୁ । ସମାଜସେବୀ ଅଜିତ କୁମାର ସାହୁ କହିଛନ୍ତି ଯେ, ବେତନଟୀ ଅଂଚଳବାସୀଙ୍କ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ । ତେଣୁ ସେ ବେତନଟୀର ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ଓ ମିଡିଆ ପ୍ରତିନିଧିଙ୍କ ସହ ଆଲୋଚନା କରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ମନ୍ତ୍ରୀ ଏ୍ଂ ସ୍ୱାସ୍ଥ୍ୟ ବିଭାଗର ସଚିବଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିବାର ଯୋଜନା ପ୍ରସ୍ତୁତ କରୁଛନ୍ତି । ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନୟନ ଓ ସବ୍ ?ଡିଭିଜନାଲ୍ ମାନ୍ୟତା ଦାବି ଅଂଚଳବାସୀଙ୍କ ଦୀର୍ଘଦିନର ଆଶାକୁ ପ୍ରତିଫଳିତ କରୁଛି । ଯଦି ସରକାର ଏହି ଦାବିଗୁଡ଼ିକୁ ଗୁରୁତ୍ୱ ଦେଇ ଶୀଘ୍ର ପଦକ୍ଷେପ ନେବେ ତେବେ ମୟୂରଭଞ୍ଜ ଜିଲ୍ଲାର ଏହି ଗୁରୁତ୍ୱପୂର୍ଣ୍ଣ ଅଂଚଳର ଲକ୍ଷାଧିକ ଜନତା ଉପକୃତ ହେବେ ବୋଲି ଆଶା କରାଯାଉଛି ।

# ୨୯ ଯାଏଁ ତାତିରୁ ନିସ୍ତାର ନାହିଁ, ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର : ଅସହ୍ୟ ହେଉଛି ରାତି ତାପମାତ୍ରା । ଦିନ ଠାରୁ ରାତି ତାପମାତ୍ରା ଅସ୍ତବ୍ୟସ୍ତ କରୁଛି । ଖାସ୍ କରି ସହରରେ ସ୍ଥିତି ବେହାଲ ହେଉଛି । ଲଗାତାର ରାଜ୍ୟର ବିଭିନ୍ନ ସ୍ଥାନରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହୁଛି । ଗ୍ରୀନ ଗ୍ୟାସ୍ ନିର୍ଗତ ଏଂ ଅତ୍ୟଧିକ ଏସିର ବ୍ୟବହାର ସହରରେ ରାତି ତାପମାତ୍ରା ବୃଦ୍ଧିର କାରଣ ବୋଲି ପରିବେଶବିତ୍ କହିଛନ୍ତି । ବିଶ୍ୱ ସ୍ତରରେ ଗ୍ରୀନ ହାଉସ୍ ଗ୍ୟାସ୍ ଅଧିକ ନିର୍ଗତ ହେଉଛି । ବାୟୁମଣ୍ଡଳରେ ଏହା ଅତ୍ୟଧିକ ମାତ୍ରାରେ ଜମିକି ରହୁଛି । ଯାହାକି ଉତାପକୁ ଟାଣିକି ରଖୁଛୁ । ଫଳରେ ପୃଥିବୀ ପୃଷ୍ଠରୁ ଆକାଶକୁ ଏହି ଉତାପ ଯାଇ ପାରୁନାହିଁ । ଫଳରେ ପୃଥିବୀ ପୃଷ୍ଠରେ ଅଧିକ ଉତାପ ସୃଷ୍ଟି କରୁଛି । ଅନ୍ୟତମ କାରଣ ହେଉଛି କଂକ୍ରିଟ ସହର , ଉଚ୍ଚ ଅଟ୍ଟାଳିକା । ପିଚୁ ରାସ୍ତା ମଧ ଅନ୍ୟତମ ଉତାପର କାରଣ । ଯାହା ଦିନ ସାରା ଉତାପକୁ ଟାଣି ରଖୁଥିବା ବେଳେ ରାତି ହେଲେ ବିକିରଣ କରୁଛନ୍ତି । ସେହିପରି ବାୟୁମଣ୍ଡଳରେ ଅଧିକ ମାତ୍ରାରେ ଜଳୀୟବାଷ୍ପ ରହୁଥିବା ବେଳେ ଏହା ତାପମାତ୍ରା ବୃଦ୍ଧି କରୁଛି । ଅନ୍ୟପଟରେ ସହରାଂଚଳରେ ଲକ୍ଷ ଲକ୍ଷ ଏସିର ବ୍ୟବହାର ରାତ୍ରୀ ତାପମାତ୍ରାର ପ୍ରମୁଖ କାରଣ ବୋଲି କହିଛନ୍ତି ପରିବେଶବିତ୍ ।










## କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନିବନ୍ଧ ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ସିକିମ୍ ରାଜ୍ୟ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ଦ୍ୱାରା ଲିଖିତ ଏକ ନିବନ୍ଧ ସେୟାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ସାଂସ୍କୃତିକ ଐତିହ୍ୟ, ପରିବେଶ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ମଡେଲକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହି ନିବନ୍ଧରେ କାଂଚନଜଙ୍ଘାକୁ ସିକିମ୍ ର ଭୂମି, ସ୍ମୃତି ଏବଂ ଚେତନାର ରକ୍ଷକ ଭାବେ ବର୍ଣ୍ଣନା କରାଯାଇଛି, ଯାହା ରାଜ୍ୟର 'ବିକଶିତ ସିକିମ-୪୭' ଦୃଷ୍ଟିକୋଣକୁ ଦିଶା ପ୍ରଦାନ କରୁଛି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତାରେ କହିଛନ୍ତି ଯେ, ସିକିମ ଏହାର ରାଜ୍ୟ ପାହ୍ୟାର ୫୧ତମ ବର୍ଷରେ ପ୍ରବେଶ କରୁଛି । ଏହି ଅବସରରେ ଜ୍ୟୋତିରାଦିତ୍ୟ ସିନ୍ଧିଆ କାଂଚନଜଙ୍ଘାର ପାଂଚଟି ଐତିହ୍ୟ ମାଧମରେ ରାଜ୍ୟର ପରିଚୟ, ପରମ୍ପରା ଏବଂ ବିକାଶ ଯାତ୍ରାକୁ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରିଛନ୍ତି । ସେ କହିଥିଲେ ଯେ, ଏହି ପାଂଚଟି ଐତିହ୍ୟ 'ବିକଶିତ ସିକିମ୍-୨୦୪୭' ଦିଗରେ ରାଜ୍ୟର ପ୍ରଗତିକୁ ପ୍ରକାଶିତ କରୁଛି । ଏକ ଇଂରାଜୀ ଖବରକାଗଜରେ ପ୍ରକାଶିତ ତାଙ୍କ ନିବନ୍ଧରେ ଜ୍ୟୋତିରାଦିତ୍ୟ ସିନ୍ଧିଆ ସିକିମକୁ ସାମାଜିକ ସୌହାର୍ଦ୍ଦ୍ୟ, ପରିବେଶ ସଂରକ୍ଷଣ, ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାୟୀ ବିକାଶର ଏକ ଉତମ ଉଦାହରଣ ବୋଲି ବର୍ଣ୍ଣନା କରିଥିଲେ । ସେ ଲେଖିଛନ୍ତି ଯେ, ରାଜ୍ୟର ବିକାଶ କେବଳ ଭିତିଭୂମି ମଧରେ ସୀମିତ ନୁହେଁ, ବରଂ ଏହା ଜନସାଧାରଣଙ୍କ ବିଶ୍ୱାସ, ପ୍ରକୃତିର ସଂରକ୍ଷଣ ଏବଂ ସାଂସ୍କୃତିକ ମୂଲ୍ୟବୋଧ ସହିତ ଆଗକୁ ବଢ଼ିଛି ।

## ଚାରି ଦିନିଆ ଗସ୍ତରେ ଲକ୍ଷ୍ନୌରେ ପହଂଚିଲେ ସରସଂଘଚାଳକ ଡକ୍ଟର ମୋହନ ଭାଗବତ

ଲକ୍ଷ୍ନୌ : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର. ଏସ୍. ଏସ୍.) ର ସରସଂଘଚାଳକ ଡକ୍ଟର ମୋହନ ରାଓ ଭାଗବତ ଚାରି ଦିନିଆ ଗସ୍ତରେ ଲକ୍ଷ୍ନୌରେ ପହଂଚିଛନ୍ତି । ସରସଂଘଚାଳକ ସରସ୍ୱତୀ କୁଞ୍ଜ ପୂର୍ବ ଉତର ପ୍ରଦେଶର ନିରାଲାନଗରରେ ଚାଲିଥିବା କାର୍ଯ୍ୟକର୍ତା ବିକାଶ ବର୍ଗ ପ୍ରଥମରେ ତାଲିମ ପାଇଁ ଆସିଥିବା ଶ୍ରମିକମାନଙ୍କୁ ସମ୍ବୋଧିତ କରିବେ । ଏହି ବର୍ଗରେ ସରସଂଘଚାଳକର ବୁଦ୍ଧିଜୀବୀ ରହିବେ । ସେ ଏକ ବକ୍ତୃତା ଅଧିବେଶନରେ ମଧ ଯୋଗଦେବେ । ଡକ୍ଟର ମୋହନ ରାଓ ଭାଗବତ ୨୬ ମେ ପର୍ଯ୍ୟନ୍ତ ଏହି ବର୍ଗରେ ରହିବେ । ନିରାଲା ନଗରରେ ଚାଲିଥିବା କାର୍ଯ୍ୟକର୍ତା ବିକାଶ ବର୍ଗ ପ୍ରଥମରେ ନେପାଳ ସମେତ ଅଓ୍ୱଧ, କାନପୁର, ଗୋରକ୍ଷ ଏବଂ କାଶୀ ପ୍ରଦେଶର ୨୮୯ ଜଣ ଶ୍ରମିକ ତାଲିମ ନେଉଛନ୍ତି । ଏହି ବର୍ଗ



କାର୍ଯ୍ୟବାହରୁ ବର୍ଗ କାର୍ଯ୍ୟବାହ ଦେବେନ୍ଦ୍ର ଆସ୍ଥାନ, ବର୍ଗ ପଲକ କ୍ଷେତ୍ରର ବୌଦ୍ଧିକ ଅଧାପନା ମୁଖ୍ୟ ମିଥିଲେଶ ନାରାୟଣ ଏବଂ ସାହ ବର୍ଗ କାର୍ଯ୍ୟବାହ ରସବିହାର ନିର୍ମାଣ କରାଯାଇଛି । ସେହି ସମୟରେ, କ୍ଷେତ୍ର ପ୍ରଚାରକ ଅନୀଲ ପୂର୍ଣ୍ଣକାଳୀନ ବର୍ଗରେ ଯୋଗ ଦେଉଛନ୍ତି ।

## ଚେନ୍ନାଇରେ ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସର ୯୦ତମ ଉତ୍କଳ ଦିବସ ସମାରୋହରେ ଯୋଗଦେଲେ ଧର୍ମେନ୍ଦ୍ର ପ୍ରଧାନ

ଚେନ୍ନାଇ/ଭୁବନେଶ୍ୱର : ଇତିହାସ ହେଉଛି ଭବିଷ୍ୟତ ପଥରେ ଆଗକୁ ବଢ଼ିବାର ଏକ ଦର୍ପଣ ; ତେଣୁ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରା ଓ ଗୌରବୋଜ୍ଜ୍ୱଳ ଅତୀତରୁ ପ୍ରେରଣା ନେଇ ଆମକୁ ଭବିଷ୍ୟତର ଓଡ଼ିଶା ଗଠନ ପାଇଁ ଏକ ସ୍ୱତନ୍ତ୍ର ସେତୁବନ୍ଧ ନିର୍ମାଣ କରିବାକୁ ହେବ ବୋଲି ରବିବାର ତାମିଲନାଡୁର ସାଂସ୍କୃତିକ ପ୍ରାଣକେନ୍ଦ୍ର ଚେନ୍ନାଇ ଠାରେ 'ଉତ୍କଳ ଆସୋସିଏସନ ଅଫ୍ ମାଡ୍ରାସ'ର ୯୦ତମ ଉତ୍କଳ ଦିବସ ସମାରୋହ ଓ ବାର୍ଷିକ ଉତ୍ସବରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । କାର୍ଯ୍ୟକ୍ରମରେ ଅଭିଭାଷଣ ଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ତାମିଲନାଡୁର ତାମିଲ ଏବଂ ଓଡ଼ିଶାର ଓଡ଼ିଆ - ଉଭୟ ଭାଷା ଭାରତର ଅତି ସମୃଦ୍ଧ ଶାସ୍ତ୍ରୀୟ ଭାଷା । ତାମିଲନାଡୁ ଯେପରି ଜ୍ଞାନ, ବିଜ୍ଞାନ, ଭାଷା ଓ ପ୍ରାଚୀନ ସଭ୍ୟତାର ଏକ ଅନନ୍ୟ ଭଣ୍ଡାର, ଆମ ଓଡ଼ିଶା ମଧ ସେହିପରି ସଂସ୍କୃତି, ଅଧାତ୍ମ ଓ କଳା-ଭାସ୍କର୍ଯ୍ୟର ଏକ ସମୃଦ୍ଧ କେନ୍ଦ୍ରସ୍ଥଳୀ । ତେବେ ଆଜି ମଧ ଜ୍ଞାନ ଏବଂ କର୍ମର ସେହି ପ୍ରାଚୀନ ସେତୁ ଆଦୌ ଦୁର୍ବଳ ହୋଇନାହିଁ । ଚେନ୍ନାଇ ସହରରେ ବସବାସ କରୁଥିବା ପ୍ରିୟ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କ ଜରିଆରେ ଏହି ସମ୍ପର୍କ ଅଧିକ ଉଜାଗର ହୋଇଛି ।



ଶ୍ରୀ ପ୍ରଧାନ କହିଛନ୍ତି ଯେ, ୧୯୩୬ ମସିହାରେ ଓଡ଼ିଶା ଦେଶର ପ୍ରଥମ ଭାଷାଭିତିକ ରାଜ୍ୟ ଭାବେ ଗଠିତ ହୋଇଥିଲା । ଆଉ ୧୦ ବର୍ଷ ପରେ ଅର୍ଥାତ୍ ୨୦୩୬ରେ ଆମେ ଏହାର ୧୦୦ ବର୍ଷ ପାଳନ କରିବାକୁ ଯାଉଛୁ । ଆଗାମୀ ୧୦ ବର୍ଷ ଆମ ଜାତି ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହି ସମୟରେ ଓଡ଼ିଆ ଭାଷା, ଜାତି, ଅସ୍ମିତା ଓ ସ୍ୱାଭିମାନକୁ ନୂତନ ଉଚ୍ଚତାକୁ ନେବା ପାଇଁ ଆମର ଦାୟିତ୍ୱ ଆହୁରି ବଢ଼ିଯାଇଛି । ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ହେଲେ ମହାପ୍ରଭୁଙ୍କ ଆଶୀର୍ବାଦରେ ଓଡ଼ିଶାକୁ ଦେଶର ସବୁଠାରୁ ପ୍ରଭାବଶାଳୀ ଅର୍ଥନୀତି ଭାବେ ଗଢ଼ିବାକୁ ହେବ । ସେହିପରି ଅତୀତର ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ସେ କହିଛନ୍ତି ଯେ, ଆମର ପୂର୍ବଜ ତଥା ଓଡ଼ିଶାର ସାଧବ ପୁଅମାନେ ବୋଇତ ଧରି ଦକ୍ଷିଣ ସମୁଦ୍ର ଦେଇ ଯେତେବେଳେ ନୌବାଣିଜ୍ୟ ପାଇଁ ଯାତ୍ରା କରୁଥିଲେ, ସେତେବେଳେ ତାମିଲନାଡୁର ଉପକୂଳ ହିଁ ସେମାନଙ୍କର ସବୁଠାରୁ ପ୍ରମୁଖ କେନ୍ଦ୍ର ଥିଲା । ଏହି ସମ୍ପର୍କ କୌଣସି ନୂଆ ସମ୍ପର୍କ ନୁହେଁ, ଏହା ଆମ ରକ୍ତରେ ଅଛି, ଆମ ଇତିହାସର ପୃଷ୍ଠାରେ ଅଛି । ଆମକୁ କେବଳ ଅତୀତର ସ୍ମୃତିରେ ନବଂଚି, ଇତିହାସରୁ ପ୍ରେରଣା ନେଇ ଆଗକୁ ବଢ଼ିବାକୁ ହେବ । ରାଷ୍ଟ୍ର ନିର୍ମାଣର ଏହି ମହାନ ସେତୁବନ୍ଧରେ କୋଣାର୍କ ସୂର୍ଯ୍ୟ ମନ୍ଦିର ପାଇଁ ମୁଣ୍ଡି ମାରିଥିବା ଧର୍ମପଦ ଭଳି ଆମ ସମସ୍ତଙ୍କୁ ନିଜର ଅବଦାନ ଦେବାକୁ ପଡ଼ିବ । ୨୦୩୬ର ସେହି ଶତାବ୍ଦୀ ବର୍ଷର ଲକ୍ଷ୍ୟକୁ ଆଖିରେ ରଖି ଏକ ବୈଜ୍ଞାନିକ ସେତୁବନ୍ଧ ନିର୍ମାଣର ନେତୃତ୍ୱ ଏହି ତାମିଲନାଡୁ ମାଟିରୁ ହିଁ ଆରମ୍ଭ ହେଉ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ 'ଉତ୍କଳ ସେବା ସଦନ'ର ଭୂମିପୂଜନ କରିବା ସହ ଏହି ଅନୁଷ୍ଠାନ ଓଡ଼ିଆ ଜାତି ପାଇଁ ସମାଜ ବିକାଶର ଏକ ପ୍ରୟୋଗଶାଳା ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଆ ସମାଜ ଏକ ଦାୟିତ୍ୱସମ୍ପନ୍ନ ଓ ଆଧାତ୍ମିକ ସମାଜ । ସମ୍ପନ୍ନ ହେବା ପରେ କେବଳ ନିଜ କଥା ନଭାବି ସମାଜର ଗରିବ ଓ ଅସହାୟ ଲୋକଙ୍କ ଚିନ୍ତା କରିବା ଆମର ସଂସ୍କୃତି । 'ନର ସେବା ହିଁ ନାରାୟଣ ସେବା'ର ବିଚାର ନେଇ ଉତ୍କଳମଣି ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ ଓ ବକ୍ସି ଜଗବନ୍ଧୁଙ୍କ ଭଳି ମହାପୁରୁଷମାନେ ସର୍ବସ୍ୱ ତ୍ୟାଗ କରିଥିଲେ । ଶେଷରେ ଶ୍ରୀ ପ୍ରଧାନ ଓଡ଼ିଆ ସମାଜକୁ ଅଧିକ ସାହସୀ, ସ୍ୱାଭିମାନୀ, ପରିଶ୍ରମୀ ଏବଂ ଆତ୍ମବିଶ୍ୱାସୀ ହେବାକୁ ଆହ୍ୱାନ ଦେଇଛନ୍ତି । ଆଇଆଇଟି ମାଡ୍ରାସ ସହଯୋଗରେ ଓଡ଼ିଶାର ଗୌରବ କୋଣାର୍କ ମନ୍ଦିର ଏବଂ ଦେବଗଡ଼ ପ୍ୟାଲେସର ସଂରକ୍ଷଣ ଓ ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି ।

## ଆଜି ଆଗ୍ରାର ତାଜମହଲ ପରିଦର୍ଶନ କରିବେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ

ଆଗ୍ରା : ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ ସୋମବାର ତାଜମହଲ ପରିଦର୍ଶନ କରିବେ । ସୋମବାର ଦିନ ସେ ଏକ ସ୍ୱତନ୍ତ୍ର ବିମାନରେ ଆଗ୍ରାରେ ପହଂଚିବେ । ରୁବିଓ ଚାରି ଦିନିଆ ସରକାରୀ ଗସ୍ତରେ ଭାରତ ଆସିଛନ୍ତି । ସେ ଶନିବାର ସେବା ତୀର୍ଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ପଶ୍ଚିମ ଏସିଆରେ ଚାଲିଥିବା ଉତେଜନା ଏବଂ ବୈଶ୍ୱିକ ବିକାଶ ମଧରେ ଆମେରିକାର ବୈଦେଶିକ ସଚିବଙ୍କ ଭାରତ ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରେ । ସୂଚନା ମିଳିଛି ଯେ ରୁବିଓ ସୋମବାର ସକାଳ ପ୍ରାୟ ୯ଟା ୩୦ ମିନିଟରେ ବାୟୁସେନାର



ଖେରିଆ ବିମାନ ବନ୍ଦରରେ ପହଂଚିବେ । ଏହା ପରେ, ଏଠାରୁ ସିଧା ତାଜମହଲକୁ ଯାଆନ୍ତୁ । ସକାଳ ପ୍ରାୟ ୧୦ଟା ୦୫ ରୁ ୧୧ଟା ୦୫ ପର୍ଯ୍ୟନ୍ତ ସେ ତାଜମହଲରେ ରହିବାର କାର୍ଯ୍ୟକ୍ରମ ରହିଛି । ଆମେରିକା ବୈଦେଶିକ ସଚିବଙ୍କ କନଭୟ ଖେରିଆ ବିମାନବନ୍ଦରରୁ ଶିଳ୍ପଗ୍ରାମରେ ପହଂଚିବ । ଶିଳ୍ପଗ୍ରାମରୁ ସେ ଏକ ବ୍ୟାଟେରୀ ଚାଳିତ ଗଲ୍ଫ କାର୍ଟରେ ତାଜମହଲର ପୂର୍ବ ଫାଟକରେ ପହଂଚିବେ । ଆମେରିକାର ବୈଦେଶିକ ସଚିବଙ୍କ ଆଗ୍ରା ଗସ୍ତକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଏବଂ ପ୍ରାଦେଶିକ ଗୁଇନ୍ଦା ସଂସ୍ଥାଗୁଡ଼ିକ ସତର୍କ ରହିଛନ୍ତି ।

## ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟର ୫ମ ବାର୍ଷିକ ସମ୍ମିଳନୀ ଯୋଗଦେଲେ ଡ. ମୁକେଶ ମହାଲିଙ୍ଗ

ଭୁବନେଶ୍ୱର : ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରବିବାର ଦିନ ଆସୋସିଏସନ ଅଫ ଟୁଇଟର ଆକ୍ଟିଭିଷ୍ଟର ୫ମ ବାର୍ଷିକ ସମ୍ମିଳନୀରେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ । ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ସାମାଜିକ ଗଣମାଧ୍ୟମ ବିଶେଷ କରି ଟୁଇଟରର ସଠିକ ବ୍ୟବହାର କରି ସାଧାରଣ ଜନତାଙ୍କ ସ୍ୱର ସାଜି ସେମାନଙ୍କ ଆବଶ୍ୟକତା ପୂରଣ କରିବାରେ ଆପଣଙ୍କ ଯୋଗଦାନ ପ୍ରଶଂସନୀୟ । ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆପଣଙ୍କ ଏହି ପ୍ରୟାସକୁ ଗୁରୁତ୍ୱ ଦେବା ସହ ସେସବୁର ସମାଧାନ ପାଇଁ ଲୋକଙ୍କ ସରକାର ଗୁରୁତ୍ୱ ଦେଉଛନ୍ତି । ଏଭଳି ପ୍ରଭାସ ଏବଂ ଉଦ୍ୟମ ନିଶ୍ଚିତ ଭାବେ ଅନ୍ୟମାନଙ୍କ ପାଇଁ ପ୍ରେରଣା ଅଟେ, ଏଥିପାଇଁ



ରାଜ୍ୟରେ ଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ମୋର ସାଧୁବାଦ ଜଣାଉଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତୃବୃନ୍ଦ, ସମାଜସେବୀ, ଯୁବସାଥୀ ଉପସ୍ଥିତ ଥିଲେ ।

## ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ନିର୍ଦ୍ଦେଶ ଦେଲେ ରାଜ୍ୟସରକାର

ଭୁବନେଶ୍ୱର: ଦିନର ସର୍ବାଧିକ ତାପମାତ୍ର ୪୦ ଡିଗ୍ରି ଟପିଛି । ଦିନରେ ଦାଉଦାଉ ତାତି । ରାଜ୍ୟ ସରକାର ବହୁ ପୂର୍ବରୁ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତକୁ ଦୃଷ୍ଟିରେ ରଖି ପୂର୍ବାହ୍ ?ଣ ୧୧ଟାରୁ ୩ଟା ଯାଏଁ ଶ୍ରମିକଙ୍କୁ କାମରେ ନିୟୋଜିତ ନକରିବାକୁ ନିର୍ଦ୍ଦେଶ ଦେବା ସହ ଏନେଇ



ଆବଶ୍ୟକ ସୁରକ୍ଷା ଓ ସ୍ୱାସ୍ଥ୍ୟଗତ ପରାମର୍ଶ ଜାରି କରିଥିଲେ । କିନ୍ତୁ ଏହି ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ ଘଟୁଥିବା ଅଭିଯୋଗ ହେବା ଓ ଏକାଧିକ ଅଂଶୁଘାତ ମୃତ୍ୟୁଘଟିବା ପରେ ପୁଣି ପୂର୍ତ ବିଭାଗ ଚେତାବନୀ ଜାରି କରିଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ ନ କରିବାକୁ ପୂର୍ତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ପୂର୍ତ ବିଭାଗର ଇଆଇସି ସମସ୍ତ ଜୋନ୍‌ର ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କୁ ଏହି ମର୍ମରେ ପତ୍ର ଲେଖିଛନ୍ତି । ବିଭାଗ ପକ୍ଷରୁ ପତ୍ରରେ ଉଲ୍ଲେଖ କରାଯାଇଛି ଯେ ଗ୍ରୀଷ୍ମପ୍ରବାହ ପରିପ୍ରେକ୍ଷୀରେ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ଖରାରେ କାର୍ଯ୍ୟ ନ କରାଇବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । କିନ୍ତୁ କିଛି ସ୍ଥାନରେ ଏହି ସମୟରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଗଣମାଧ୍ୟମ ସୂତ୍ରରୁ ସରକାରଙ୍କ ଦୃଷ୍ଟିକୁ ଆସିଛି । ଏଣୁ ଠିକା ସଂସ୍ଥାମାନେ ପ୍ରତିବନ୍ଧିତ ସମୟରେ କାର୍ଯ୍ୟ ବନ୍ଦ କରିବା ସହ ଶ୍ରମିକମାନଙ୍କ ପାଇଁ ଛାୟାର ବ୍ୟବସ୍ଥା (ରେଷ୍ଟ ସେଡ୍) ସହ ପାନୀୟ ଜଳ ଓ ଫାଷ୍ଟଏଡ୍ (ଆଶୁ ଚିକିତ୍ସା) ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ କ୍ଷେତ୍ର କର୍ମଚାରୀମାନେ ଏଥି ପ୍ରତି ସଜାଗ ରହିବା ସହ କୌଣସି ଅପ୍ରୀତିକାର ପରିସ୍ଥିତି ଉପୁଜିବା ପୂର୍ବରୁ ସଚେତନତା ସୃଷ୍ଟି କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

## ଆଇପିଏଲ - ୨୦୨୬ : କୋଲକାତା ଆଗରେ ୨୦୪ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ଦିଲ୍ଲୀ

କୋଲକାତା: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୭୦ତମ ମୁକାବିଲାରେ କୋଲକାତା ନାଇଟ୍ ରାଇଡର୍ସକୁ ଇଡେନ ଗାର୍ଡେନ୍ସରେ ଦିଲ୍ଲୀ କ୍ୟାପିଟାଲ୍ସ ଭେଟିଛି । ଏହି ମ୍ୟାଚରେ ଟସ୍ ଜିଣି କୋଲକାତା ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା । ଫଳରେ ଦିଲ୍ଲୀକୁ ବ୍ୟାଟିଂ କରିବାକୁ ସୁଯୋଗ ମିଳିଥିଲା । ଅକ୍ଷର ପଟେଲଙ୍କ ନେତୃତ୍ୱରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ ହରାଇ ୨୦୩ ରନ୍ ସଂଗ୍ରହ କରିଛି । କୋଲକାତାକୁ ଏହି ମ୍ୟାଚ ଜିତିବା ପାଇଁ ୨୦୪ ରନ୍‌ର ଲକ୍ଷ୍ୟ ମିଳିଛି । ଦିଲ୍ଲୀର ବ୍ୟାଟିଂ ଅଭିଷେକ ପାରୋଲ ଏବଂ କେଏଲ ରାହୁଲ ଆରମ୍ଭ କରିଥିଲେ । ଉଭୟ ବ୍ୟାଟର ପ୍ରଥମ ୱିକେଟ ପାଇଁ ୪୦ ରନ୍‌ର ଭାଗିଦାରୀ କରିଥିଲେ । ଅଭିଷେକ ଏଥିରୁ ବ୍ୟକ୍ତିଗତ ଭାବେ ୨୨ ରନ୍ ସଂଗ୍ରହ କରିଥିଲେ । ସେ ୧୮ଟି ବଲ୍ ଖେଳି ୪ଟି ଚୌକା



ମାରିଥିଲେ । କୋଲକାତାର ଦ୍ୱିତୀୟ ଶିକାର ହୋଇଥିଲେ ସାହିଲ ପ୍ରକାଶ, ଯିଏକି ବ୍ୟକ୍ତିଗତ ଭାବେ ୧୭ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୪ ରନ୍ କରିଥିଲେ । ଦିଲ୍ଲୀ କ୍ୟାପିଟାଲ୍ସ ନିଜର ତୃତୀୟ ୱିକେଟ ଭାବେ କେଏଲ୍ ରାହୁଲଙ୍କୁ ହରାଇଥିଲା । ପାଇଁ କେଏଲ୍ ରାହୁଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୩୦ଟି ବଲ୍ ଖେଳି ୫ଟି ଚୌକା ଏବଂ ୪ଟି ଛକା ବଳରେ ୬୦ ରନ୍ କରିଥିଲେ । ଅକ୍ଷର ପଟେଲ ଆଉଟ ହେବା ପୂର୍ବରୁ ୩୯ ରନ୍‌ର ଯୋଗଦାନ ଦେଇଥିଲେ । ସେ ୨୫ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ମାରିଥିଲେ । ଡେଭିଡ ମିଲର ୧୯ଟି ବଲ୍ ଖେଳି ୩ଟି ଛକା ସହାୟତାରେ ୨୮ ରନ୍ ଏବଂ ଆଶୁତୋଷ ଶର୍ମା ୧୧ଟି ବଲ୍‌ରୁ ୨ଟି ଚୌକା ଏବଂ ଗୋଟିଏ ଛକା ବଳରେ ୧୮ ରନ୍ କରିଥିଲେ । କୋଲକାତା ପାଇଁ ସୌରଭ ଦୁବେ ସର୍ବାଧିକ ୨ଟି ୱିକେଟ୍ ନେଇଥିଲେ । ଅନୁକୂଳ ରୟ, ସୁନୀଲ ନାରାୟଣ ଏବଂ ବରୁଣ ଚକ୍ରବର୍ତୀଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା ।

## ଆଇପିଏଲ-୨୦୨୬ : ମୁମ୍ବାଇକୁ ୩୦ ରନରେ ହରାଇଲା ରାଜସ୍ଥାନ

ନୂଆଦିଲ୍ଲୀ: ଦମଦାର ବିଜୟ ସହ ପ୍ଲେଅଫରେ ଚତୁର୍ଥ ଦଳ ଭାବେ ସ୍ଥାନ ପକ୍କା କରିଛି ରାଜସ୍ଥାନ ରୟାଲ୍ସ । ନିଜର ଅନ୍ତିମ ଲିଗ୍ ମ୍ୟାଚରେ ମୁମ୍ବାଇକୁ ୩୦ ରନରେ ପରାସ୍ତ କରିଛି । ୨୦୬ ରନର ଲକ୍ଷ୍ୟ ରହିଥିବାବେଳେ ମୁମ୍ବାଇ ୯ ୱିକେଟରେ ୧୭୫ ରନ କରିବାରେ ସକ୍ଷମ ହୋଇଛି । ତେବେ ଏହି ବିଜୟ ପରେ ପଞ୍ଜାବ ଏବଂ କୋଲକାତାର ପ୍ଲେଅଫ୍ ଆଶା ଅଧାରେ ରହିଯାଇଛି । ୨୦୬ ରନକୁ ମୁମ୍ବାଇ ପିଛା କରୁଥିବାବେଳେ ପ୍ରଥମରୁ ଦଳକୁ ଲାଗିଥିଲା ବଡ଼ ଝଟକା । ହିଟମ୍ୟାନ ରୋହିତ ଶର୍ମା ଖାତା ଖୋଲିବା ପୂର୍ବରୁ ପାଭିଲିୟନ୍ ଫେରିଥିଲେ । ରିକଲଟନ ୧୨, ନମନ ଧିର ୬ ରନ କରିଥିଲେ । ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ଫ୍ଲପ ହୋଇଥିଲେ । ତେବେ ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୬୦ ରନ କରିଛନ୍ତି । ବାକି ବ୍ୟାଟ୍ସମ୍ୟାନଙ୍କ ମଧରେ ହାର୍ଦ୍ଦିକ ୩୪



ଏବଂ ୱିଲ୍ ଜ୍ୟାକ୍ସ ୩୩ ରନ କରିଛନ୍ତି । ମୁମ୍ବାଇର ଅଧିକାଂଶ ବ୍ୟାଟ୍ସମ୍ୟାନ ଫ୍ଲପ୍ ହେବା ସହ ଶେଷ ମ୍ୟାଚ ପରାଜୟରେ ଶେଷ ହୋଇଛି । ସେପଟେ ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର ୩ ୱିକେଟ ନେଇଥିବାବେଳେ ବର୍ଗର, ବ୍ରିଜେଶ ଶର୍ମା ଏବଂ ଯଶରାଜ ପୁଞ୍ଜା ୨ଟି ଲେଖାଏଁ ୱିକେଟ ନେଇଛନ୍ତି । ଟସ୍ ଜିତି ମୁମ୍ବାଇ ବୋଲିଂ ନିଷ୍ପତି ନେଇଥିଲା । ରାଜସ୍ଥାନକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦଳ ୮ ୱିକେଟରେ ୨୦୫ ରନ କରିଥିଲା । ଦଳ ପକ୍ଷରୁ ଧ୍ରୁବ ଜୁରେଲ ସର୍ବାଧିକ ୩୮ ରନ କରିଥିଲେ । ଜୟସ୍ୱାଲ ୨୭ ରନ କରିଥିବାବେଳେ ସୂର୍ଯବଂଶୀଙ୍କ ବ୍ୟାଟ୍ ଚାଲିନଥିଲା । ସେ ମାତ୍ର ୪ ରନ କରି ଆଉଟ୍ ହୋଇଥିଲେ । ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ମଧରେ ଜୁରେଲ ୩୮, ପରାଗ ୧୪, ସନାକା ୨୯, ଆର୍ଚନ ୩୨ ରନ କରିଥିଲେ । ଶେଷ ଓଭର ଗୁଡ଼ିକରେ ବର୍ଗର ଏବଂ ଜାଡେଜା ଭଲ ସ୍କୋର କରିଥିଲେ । ଜାଡେଜା ୧୯ ରନ କରିଥିବାବେଳେ ବର୍ଗର ୩ ବଲରେ ୧୦ ରନ କରିଥିଲେ । ସେପଟେ ମୁମ୍ବାଇ ପକ୍ଷରୁ ଚହର ଏବଂ ସାର୍ଦ୍ଦୁଲ ଠାକୁର ୨ଟି ଲେଖାଏଁ ୱିକେଟ ନେବାରେ ସକ୍ଷମ ହୋଇଥିଲେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**